ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 • 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
5 AUGUST 2026

ବୁଧବାର
୫ ଅଗଷ୍ଟ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 66 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୬୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ରାଷ୍ଟ୍ରପତିଙ୍କ ଐତିହାସିକ ତପ୍ତପାଣି ଗସ୍ତ ଶେଷ

ବ୍ରହ୍ମପୁର, ୪ା/ଏନ୍‌ଏନ୍‌ଏସ୍:

ଦେଶର ପ୍ରଥମ ନାଗରିକ ତଥା ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗଞ୍ଜାମ-ଗଜପତି ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଗସ୍ତ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ତପ୍ତପାଣିର ପ୍ରକୃତିଦତ୍ତ ଉଷ୍ଣ ପ୍ରସବଣ ଏବଂ ଆଦିବାସୀଙ୍କ ଆସ୍ଥାର ପ୍ରତୀକ ମା' କନ୍ଧୁଣୀ ଦେବୀଙ୍କ ପୀଠ ପରିଦର୍ଶନ ଓ ଏଠାରେ ପୂଜାର୍ଚ୍ଚନା କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ସାଜିଛନ୍ତି।

ମା' କନ୍ଧୁଣି ଦେବୀଙ୍କ ପାଖରେ ଦେଶବାସୀଙ୍କ ମଙ୍ଗଳ କାମନା କଲେ

ରାଷ୍ଟ୍ରପତି ମୁର୍ମୁ, ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚିବା ପରେ ସେଠାରୁ କାର ଯୋଗେ ତପ୍ତପାଣି ପର୍ଯ୍ୟନ୍ତ ଯାଇଥିଲେ। ଦିନ ତମାମ ଝିପିଝିପି ବର୍ଷା ସତ୍ତ୍ୱେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଧୈର୍ଯ୍ୟର ସହ ଛିଡା ହୋଇ ରହିଥିଲେ। ରାଷ୍ଟ୍ରପତି ମଧ୍ୟ ସମସ୍ତଙ୍କ ହର୍ଷଚିତ୍ତ ସହ ଅଭିବାଦନ ଗ୍ରହଣ କରିଥିଲେ। ଉଷ୍ଣ ପ୍ରସବଣରେ ଗନ୍ଧକଯୁକ୍ତ ଗରମ ପାଣିରେ ସ୍ନାନ କରିବା ପରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ଉଷ୍ଣ ପ୍ରସବଣ କୁଣ୍ଡରେ ବିରାଜିତ ମା' କନ୍ଧୁଣୀ ▶▶ ୫

ବିହାର ଓ ପଶ୍ଚିମବଙ୍ଗରେ ବଜ୍ରପାତ, ୧୧ ମୃତ

ନୂଆଦିଲ୍ଲୀ, ୪ା/ଏଜେନ୍ସି:



ପ୍ରବଳ ବର୍ଷା ଯୋଗୁଁ ଦେଶର ଅଧିକାଂଶ ରାଜ୍ୟରେ ଜନଜୀବନ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ଆସାମରେ ବର୍ଷାଜନିତ ବିପାତ ଯୋଗୁ ଶତାଧିକ ମୃତ୍ୟୁ ସାମ୍ନାକୁ ଆସିଥିବା ବେଳେ ବିହାର ଏବଂ ପଶ୍ଚିମବଙ୍ଗରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। କେବଳ ସୋମବାର ଦିନ ଘଟିଥିବା ବଜ୍ରପାତ ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବିହାରର ▶▶ ୫

ଆଜିଠୁ ଓଡ଼ିଶାରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ

ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ

ନୂଆଦିଲ୍ଲୀ, ଭୁବନେଶ୍ୱର, ୪ା/ଏଜେନ୍ସି:

ଭାରତ ଅଗଷ୍ଟ ୫ ରୁ ୭ ପର୍ଯ୍ୟନ୍ତ ଓଡ଼ିଶାର ଭୁବନେଶ୍ୱରରେ ୧୩ତମ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ଏବଂ ୩ୟ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ଆୟୋଜନ କରିବ। ଶିକ୍ଷା, କୌଶଳ ବିକାଶ, ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶିକ୍ଷାମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଏକାଠି ହେବେ। ଭାରତର 'ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬' ଅଧୀନରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗଦେବେ ବୋଲି ସୂଚନା ମିଳିଛି। ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଶିକ୍ଷାଗତ ଭାଗିଦାରୀ ବୃଦ୍ଧି କରିବା ଏବଂ ସମାବେଶୀ, ନବସୃଜନ-ଭିତ୍ତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଏହି ଆଲୋଚନା ମୁଖ୍ୟତଃ କେନ୍ଦ୍ରୀଭୂତ ହେବ। ଆଲୋଚନାର ମୁଖ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାକୁ ସୁଦୃଢ଼ କରିବା, ଦକ୍ଷତା ବିକାଶକୁ ସୁଦୃଢ଼ କରିବା ଏବଂ ବ୍ରିକ୍ସ ଟିଭିଇଟି କୋଅପରେସନ୍ ଆଲାଇନ୍ସ ଅଧିନରେ ସହଯୋଗ ବୃଦ୍ଧି କରିବା, ସହଯୋଗୀ ଗବେଷଣା, ନବ ଉନ୍ମେଷ (ଇନୋଭେସନ୍) ଏବଂ ଷ୍ଟାର୍ଟ-ଅପ୍‌କୁ ପ୍ରୋତ୍ସାହିତ କରିବା, ଯୋଗ୍ୟତାର ପାରସ୍ପରିକ ମାନ୍ୟତାକୁ ସୁଦୃଢ଼ କରିବା, ଶିକ୍ଷାଗତ ନେତୃତ୍ୱ ପାଇଁ ଦକ୍ଷତା ବୃଦ୍ଧି କରିବା, ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା କୁ ସୁଦୃଢ଼ କରିବା ଆଦି

ସାମିଲ ରହିଛି। ଭାରତର ବ୍ରିକ୍ସ ଅଧ୍ୟକ୍ଷତାର ମୂଳ ପ୍ରସଙ୍ଗ/ଥିମ୍ ରହିଛି 'ସ୍ଥିତି ସ୍ଥାପକତା, ନବସୃଜନ, ସହଯୋଗ ଏବଂ ସ୍ଥାୟିତ୍ୱ ପାଇଁ ନିର୍ମାଣ'। ଏହା ୨୦୨୫ ରିଓ ଡି ଜେନେରୋ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉପସ୍ଥାପିତ 'ଜନ-କେନ୍ଦ୍ରିକ ଏବଂ ମାନବତା-ପ୍ରଥମ' ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ତେବେ ଏହି ମନ୍ତ୍ରୀସ୍ତରୀୟ ବୈଠକ ଭାରତର ଅଧ୍ୟକ୍ଷତା କାଳରେ 'ବ୍ରିକ୍ସ ଶିକ୍ଷା ଟ୍ରାକ୍' ଅଧୀନରେ ଆୟୋଜିତ କ୍ରମାଗତ ବୈଠକଗୁଡ଼ିକର ଏକ ଅଂଶ। ପ୍ରକାଶ, ଚଳିତ ବର୍ଷ ପ୍ରଥମ ଓ ଦ୍ୱିତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀ ବୈଠକ ଏପ୍ରିଲ ୭ ଏବଂ ଏପ୍ରିଲ ୨୮ ରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଜୁଲାଇ ୨୦-୨୧ ରେ ବ୍ରିକ୍ସ ନେଟୱାର୍କ ୟୁନିଭରସିଟି ସମ୍ମିଳନୀ ଏବଂ ଆନ୍ତର୍ଜାତୀୟ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଆଲୋଚନା ମନ୍ତ୍ରୀସ୍ତରୀୟ ବୈଠକର ପ୍ରାଥମିକତା ଓ ନିଷ୍କର୍ଷ ନିର୍ଦ୍ଧାରଣ କରିବାରେ ▶▶ ୫

ଅଭିନେତ୍ରୀ ତ୍ରିଷାଙ୍କ ସମ୍ପର୍କରେ ଆପତ୍ତିଜନକ ଟିପ୍ପଣୀ

ଉଦୟନିଧିଙ୍କୁ ଉଠାଇନେଲା ପୁଲିସ୍

ଚେନ୍ନାଇ, ୪ା/ଏଜେନ୍ସି:

ତାମିଲନାଡୁର ବିରୋଧୀ ଦଳ ଡିଏମ୍‌କେର ଅନ୍ୟତମ ଯୁବନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ଆଜି ଏକ ଘଟଣାକ୍ରମେ ଚେନ୍ନାଇ ପୁଲିସ୍ ଗିରଫ କରିବା ଏବଂ ପରେ କୋର୍ଟ ନିର୍ଦ୍ଦେଶ ଆସିବା ପରେ ମୁକ୍ତ କରିବା ଭଳି ଘଟଣା ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ଉଦୟନିଧି ଷ୍ଟାଲିନ୍ ସୋମବାର ତଞ୍ଜାବୁର ଠାରେ କାବେରୀ ଜଳ ବିବାଦ ସମ୍ପର୍କରେ ଆୟୋଜିତ ଏକ ରାଲିରେ ଯୋଗ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟଙ୍କ ବାନ୍ଧବୀ ତଥା ଅଭିନେତ୍ରୀ ତ୍ରିଷାଙ୍କ ଉଦ୍ଦେଶ୍ୟରେ ପରୋକ୍ଷରେ କିଛି ଆପତ୍ତିଜନକ ଟିପ୍ପଣୀ କରିଥିଲେ। ସେ କହିଥିଲେ 'ପାଣି ଅନ୍ୟ କେଉଁଠି ପହଞ୍ଚୁ କି ନପହଞ୍ଚୁ, ପାଣି କିନ୍ତୁ ସେଠାରେ ନିଶ୍ଚୟ ପହଞ୍ଚିବା ଉଚିତ୍'। ଏହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ପରେ ତାଙ୍କୁ ଆଜି ପୁଲିସ୍ ଉଠାଇନେଇଥିଲା। ତେବେ ତାଙ୍କ ବିରୋଧରେ ▶▶ ୫

ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

ଆଉ ୧୦ ନୂଆ ୟୁନିଟ୍ ସହ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଏସ୍‌ଓପି; ବଢ଼ିବ ଦକ୍ଷତା ଓ କ୍ଷମତା

ଭୁବନେଶ୍ୱର, ୪ା/ଏନ୍‌ଏନ୍‌ଏସ୍:

ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ୍) ଏଣିକି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ ହେବ। ଓଡ଼ିଶା ସରକାର ଓଡ୍ରାଫ୍‌କୁ ଏସ୍‌ଡିଆର୍‌ଏଫ୍'ରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା, ଭିତ୍ତିଭୂମି, ମାନବସମ୍ବଳ ଏବଂ କାର୍ଯ୍ୟଦକ୍ଷତାରେ ବ୍ୟାପକ ସୁଧାର ଆସିବ। ମଙ୍ଗଳବାର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏସମ୍ପର୍କରେ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ଯେ ଓଡ୍ରାଫ୍‌କୁ ଏସ୍‌ଡିଆର୍‌ଏଫ୍‌ରେ ରୂପାନ୍ତରଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ। ▶▶ ୫

39001/41/2627

श्री नरेन्द्र मोदी
प्रधानमन्त्री

सत्यमेव जयते | ଓଡ଼ିଶା ସରକାର | ଓଡ଼ିଶା ଖାଦ୍ୟ

श्री मोहन चरण माझी
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)
୨୦୨୬ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ

ପଞ୍ଜୀକରଣ ଅବଧି ୧୫ ଅଗଷ୍ଟ ୨୦୨୬ କୁ ବୃଦ୍ଧି

ଚାଷୀ ଭାଇଭଉଣୀଙ୍କ ପାଇଁ ସୂଚନା

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା - **ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ** ଏହି ପଞ୍ଜୀକରଣ କରାଇପାରିବେ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକ କାଗଜ ପତ୍ର ଦେଇ ଏହି ପଞ୍ଜୀକରଣ କରାଇପାରିବେ।
- ଏହି ପଞ୍ଜୀକରଣ ପାଇଁ **ଆଧାର କାର୍ଡ (Aadhaar Card)** ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ **ବିନା କୌଣସି ଦେୟରେ** କରାଯିବ। ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ।

OIPR-39001/39051/2/26-27/0005

ସମବାୟ ବିଭାଗ, ଓଡ଼ିଶା ସରକାର

ମଦନ ମୋହନ ଜିଉ କମ୍ୟୁନିଟି ସେଣ୍ଟରର ଶୁଭାରମ୍ଭ

କଟକ,୪।୮/ଏନ୍ଏନ୍ଏସ୍:କଟକ ସହରର ପିଠାପୁରସ୍ଥିତ ମଦନ ମୋହନ ଜୀଉ କମ୍ୟୁନିଟି ସେଣ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି । ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଛନ୍ତି । ଆଗାମୀ ଦିନରେ ଏହି ସେଣ୍ଟରର ସମଗ୍ର ଉନ୍ନୟନମୂଳକ କାର୍ଯ୍ୟ ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ଏହି କମ୍ୟୁନିଟି ସେଣ୍ଟର ନିର୍ମାଣ ଅଂଚଳବାସୀଙ୍କର ଏକ ବହୁ ଦିନର ଦାବି ଥିଲା । ଏହା କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ବହୁଦିନର ଆଶା ପୂରଣ ହେବା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଗ୍ରାମର ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦି ଖୁଟିଆ, କଟୁଆଳ ଜୟନ୍ତ ରାଉତ, ସଭାପତି ସରୋଜ କୁମାର ଜେନା, ସମ୍ପାଦକ ନିରଞ୍ଜନ ଖୁଟିଆ, ସହ ସମ୍ପାଦକ ସନ୍ତୋଷ ରାଉତ, ମହନି ଜେନା, ନବକୀଶୋର ଜେନା, ଦୀପକ ରାଉତ, ଅମିତ ତ୍ରିବେଦୀ, ସସ୍ମିତ ବେହେରା ଓ ମାମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ପୁଲିସ–ଏନଏଫ୍ଏସ୍ୟୁ ୫ ବର୍ଷିଆ ଏମ୍ଓୟୁ ସ୍ୱାକ୍ଷର

ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ:ଡିଜିପି

କଟକ,୪।୮/ଏନ୍ଏନ୍ଏସ୍: ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍ସରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସର ସିଆଇଡି–କ୍ରାଇମବ୍ରାଂଚ ଏବଂ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍ଏଫ୍ଏସ୍ୟୁ) ଭୁବନେଶ୍ୱର ମଧ୍ୟରେ ଆଜି ଏକ ୫ ବର୍ଷିଆ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି । ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ କ୍ରାଇମବ୍ରାଂଚ ଡିଜିପି ବିନୟତୋଷ ମିଶ୍ର ଓ ଏନ୍ଏଫ୍ଏସ୍ୟୁ କ୍ୟାମ୍ପସ ନିର୍ଦ୍ଦେଶିକା ଡ଼ଃ ପୂରବୀ ପୋଖରିୟାଲ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି । ପରେ ଡିଜିପି ଶ୍ରୀ ଖୁରାନିଆ "ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫରେନ୍ସିକ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଡିଜିପି କହିଥିଲେ ଯେ, ଆଜିର ଦିନଟି ଓଡ଼ିଶା ପୋଲିସର ଆଧୁନିକୀକରଣ ଓ ବିକାଶ ଯାତ୍ରାରେ ଏକ ଐତିହାସିକ ମାଇଲଖୁଂଟ । ଏହି ପାଂଚବର୍ଷିଆ ବୁଝାମଣାପତ୍ର ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ । ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଯୋଗୁଁ ରାଜ୍ୟର ସାଇବର ପୋଲିସିଂ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସେ କହିଥିଲେ । ବର୍ତ୍ତମାନ ଅପରାଧର ସ୍ୱରୂପ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରାୟ ପ୍ରତ୍ୟେକ ଅପରାଧରେ ଡିଜିଟାଲ ପ୍ରମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ମ୍ୟୁଲ୍ ଆକାଉଂଟ, ଅନଲାଇନ୍ ନିବେଶ ଠକେଇ ଏବଂ "ଡିଜିଟାଲ ଗିରଫ" ଭଳି ସାଇବର ଅପରାଧ କ୍ରମାଗତ ଭାବେ ବଢୁଥିବାବେଳେ ନୂତନ ଫୌଜଦାରୀ ଆଇନରେ ଫରେନ୍ସିକ ବିଜ୍ଞାନକୁ ତଦନ୍ତର କେନ୍ଦ୍ରବିନ୍ଦୁ କରାଯାଇଛି । ତେଣୁ ଇଲେକ୍ଟ୍ରୋନିକ୍ ପ୍ରମାଣର ସଠିକ୍ ଜବତ, ସଂରକ୍ଷଣ ଓ ପରିଚାଳନା ପ୍ରତ୍ୟେକ ପୋଲିସ ଅଧିକାରୀଙ୍କର ମୌଳିକ ଦକ୍ଷତା ହେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଏନ୍ଏଫ୍ଏସ୍ୟୁ ସହ ବୁଝାମଣାପତ୍ର କେବଳ ପ୍ରଶିକ୍ଷଣରେ ସୀମିତ ନରହି ଅପରାଧସ୍ଥଳ ପରିଚାଳନା, ଉଚ୍ଚଶିକ୍ଷା, ମିଳିତ ଗବେଷଣା, ଫରେନ୍ସିକ୍ ଭିତ୍ତିଭୂମିର ବିକାଶ ଓ ବୈଷୟିକ ପରାମର୍ଶ ଭଳି ବହୁ କ୍ଷେତ୍ରକୁ ସାମିଲ କରିବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡିଜିପି, କ୍ରାଇମବ୍ରାଂଚ ଶ୍ରୀ ମିଶ୍ର କହିଥିଲେ ଯେ, ଏନ୍ଏଫ୍ଏସ୍ୟୁ ସହ ସହଭାଗିତା ଯୋଗୁଁ ପୋଲିସ ବିଭାଗର ସମସ୍ତ ସ୍ତରର କର୍ମଚାରୀ ଓ ଅଧିକାରୀଙ୍କୁ ଉଚ୍ଚମାନର ବୈଷୟିକ ପ୍ରଶିକ୍ଷଣ ଦେବା ସମ୍ଭବ ହୋଇପାରିବ । ଏହି ପ୍ରଶିକ୍ଷଣରେ ଏନ୍ଏଫ୍ଏସ୍ୟୁରେ ଶ୍ରେଣୀଗୃହ ଓ ପରୀକ୍ଷାଗାର ଭିତିକ ପ୍ରଶିକ୍ଷଣ ଏବଂ ଗୋଟିଏ ଦିନ ସାଇବର କମ୍ପ୍ଲେକ୍ସରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଏସଫଏଲ, ଡ଼ଃ ସନ୍ତୋଷ ବାଲା,ଆଇଜି (କ୍ରାଇମବ୍ରାଂଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏନ୍ଏଫ୍ଏସ୍ୟୁ ଆସୋସିଏଟ ପ୍ରଫେସର, ଡ଼ଃ ବିଶ୍ୱକଲ୍ୟାଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନବଗୁଞ୍ଜନ ଉତ୍ସବ

କଟକ,୪।୮/ଏନ୍ଏନ୍ଏସ୍: ଓଡ଼ିଶୀ ନୃତ୍ୟର ମୌଳିକତାକୁ ଅକ୍ଷୁଣ୍ଣ ରଖିବା ନିହାତି ଜରୁରୀ ଏବଂ ମୂଳ ପରମ୍ପରାକୁ ବଜାୟ ରଖି ଓଡ଼ିଶୀର ପ୍ରଚାର ଓ ପ୍ରସାର ବିଶ୍ୱସ୍ତରୀୟ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ନବଗୁଞ୍ଜନ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ଅନ୍ତର୍ଜାତିକସ୍ତରରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଥିବା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବରିଷ୍ଠ କଳାକାର କୁନା ତ୍ରିପାଠୀ, କବୟିତ୍ରୀ ରୁମ୍ଝୁମ୍ ନାୟକ ଓ ପଣ୍ଡିତ ଏ. ମହେଶ୍ୱର ରାଓ ଅତିଥିଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଗାୟତ୍ରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ପାଦିକା ନୃତ୍ୟଗୁରୁ ମୀରା ଦାସ ଉତ୍ସବର ଉଦ୍ଦେଶ୍ୟ ବୁଝାଇଥିଲେ । ଏହି ଅବସରରେ ବରିଷ୍ଠ ନୃତ୍ୟାଙ୍ଗନା ସ୍ୱୀକୃତି ଦାସ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲା ବେଳେ ୧୬ବର୍ଷରୁ କମ୍ ବୟସର ଶିଳ୍ପୀମାନଙ୍କ ମଧ୍ୟରେ ହୋଇଥିବା ନବଗୁଞ୍ଜନ ଏକକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏଥି ସହିତ ବିଭନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସସ୍ମିତା ପଣ୍ଡା, ପ୍ରିୟଙ୍କା ଜେନା, ବିଦ୍ୟା ବିଶ୍ୱଜିତା, ଭାଗ୍ୟଶ୍ରୀ ଆଏଚ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ୍ ପକ୍ଷରୁ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ଲେଖକର ବକ୍ତବ୍ୟ ତା ଲେଖାରେ ପ୍ରତିଫଳିତ ହୋଇଥାଏ । ପ୍ରତି ଲେଖା ଭିନ୍ନ ଭିନ୍ନ ଭାବରେ ପାଠକଙ୍କ ଦ୍ୱାରା ବିଚାର କରାଯାଏ ବୋଲି ଅତିଥିମାନେ ମତ ଦେଇଛନ୍ତି । ଆଜି ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କ ଲିଖିତ ' ଓଡ଼ିଆ ମୁଁ ଓଡ଼ିଆ ' ଓ ଡ଼. ଅଶୋକ କୁମାର ସିଂହଙ୍କ ଲିଖିତ 'ଦି ଗ୍ରାମାର ଅଫ ଡିକେ' ଲୋକାର୍ପିତ ହୋଇଛି । କାର୍ଯ୍ୟକ୍ରମରେ ପ୍ର. ଯତୀନ ନାୟକ ଅତିଥି ଭାବରେ ଯୋଗଦେଇ 'ଡିକେ' ବା କ୍ଷୟ ମଧ୍ୟ ଆମ ଜୀବନର ଅଂଶ ଓ ଏହା ଚେତନାକୁ ଅଧିକ ରସାଣିତ କରିବାରେ ସାହାଯ୍ୟ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଅତିଥି ଡ଼. ନନ୍ଦ କିଶୋର ବିଶ୍ୱାଳ, ଶଙ୍କର ନାରାୟଣ ମଲ୍ଲିକ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ପୁସ୍ତକଦୁଇଟି ସମ୍ପର୍କରେ ଆଲୋଚନା କରିଥିଲେ । ଡ଼. ଆଦ୍ୟାଶା ଦାସ ଓ ଅଶୋକ ସିଂହଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଥିଲା । ଲେଖକଦ୍ୱୟ ସେମାନଙ୍କ ଅଭିମତ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ବହୁ କବି ଓ ଲେଖକଙ୍କ ସମେତ ଉଭୟ ପୁସ୍ତକର ପ୍ରକାଶକ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ୱାକର୍ସ କ୍ଲବ୍ କଟକର କାର୍ଯ୍ୟକାରିଣୀ ବୈଠକ

କଟକ,୪।୮/ଏନ୍ଏନ୍ଏସ୍: ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏ.ଟି.ଆର ହାଉସଠାରେ ୱାକର୍ସ କ୍ଲବ କଟକର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ । ବିଲକେଶ ପରବିନ ୱାକର୍ସ ପ୍ରାର୍ଥନା ପାଠ କରିଥିଲେ । ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର ବିବରଣୀ ପାଠ ସହ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ । ସଭାପତି ପ୍ରଫେସର ପଣ୍ଡା ମେଦ ବହୁଳତାଜନିତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଓ ନିରାକରଣକୁ କେନ୍ଦ୍ର କରି ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ଚାରା ରୋପଣ ପାଇଁ ପ୍ରସ୍ତାବ ଦେଇଥିଲେ । କ୍ଲବର ପୂର୍ବତନ ସଭାପତି ମନୋରଞ୍ଜନ ମହାନ୍ତି, ଉପସଭାପତି ଡା. ବିଶ୍ୱରଞ୍ଜନ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଶଶିଭୂଷଣ ସ୍ୱାଇଁ ଚଳିତବର୍ଷର କାର୍ଯ୍ୟକ୍ରମକୁ ମିଳିତ ଭାବେ ସମ୍ପାଦନ କରିବା ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଭ୍ୟ ଯୋଗ ଦେଇଥିଲେ । ଦିବ୍ୟ ରଞ୍ଜନ ପରିଡା ଓ ରାକେଶ ଶତପଥୀ ସଭା ପରିଚାଳନା କରିଥିଲେ । ଡ.ଓଁକାର ରାଉତ ଧନ୍ୟବାଦ ଦେଇଥିଲେ ।

ଚିନ୍ମୟ ମିଶନ୍‌ର ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପିତ

କଟକ,୪।୮/ଏନ୍ଏନ୍ଏସ୍: ଭଗବାନଙ୍କ ଶରଣାଗତ ହେଲେ ନିନ୍ଦା ପ୍ରଶଂସା, ମାନ ଅପମାନ, ଜୟ ପରାଜୟ ପ୍ରଭାବରୁ ମୁକ୍ତ ହୋଇ ନିଜ ଭିତରେ ଥିବା ଭଗବତ୍ ସତାକୁ ଉପଲବ୍ଧି କରି ମଣିଷ ବାସ୍ତବ ଶାନ୍ତି ପ୍ରାପ୍ତ ହୋଇଥାଏ । କର୍ମଯୋଗର ସିଦ୍ଧାନ୍ତ ହେଉଛି, 'ଯାହା ମୁଁ କରୁଛି ଭଗବାନଙ୍କ ଉଦ୍ଦେଶ୍ୟରେ ତାହା ସମର୍ପିତ ମାନସିକତାକୁ ନେଇ ପ୍ରତ୍ୟେକଟି କର୍ମ କରିବା ଉଚିତ ଏବଂ କର୍ମଫଳକୁ ପ୍ରସାଦ ରୂପେ ଗ୍ରହଣ କଲେ ଅପାରଶାନ୍ତି ମିଳିଥାଏ । ଈଶ୍ୱର ହେଉଛନ୍ତି କର୍ମର ଅଧକ୍ଷ ଓ କର୍ମଫଳର ଦାତା ବୋଲି ଚିନ୍ମୟ ମିଶନର ଓଡ଼ିଶା ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଦର୍ଶାଇଛନ୍ତି । ଚିନ୍ମୟମିଶନ ପକ୍ଷରୁ ଶତାବ୍ଦୀ ଭବନଠାରେ ଆୟୋଜିତ 'ଗୀତା ଜ୍ଞାନଯଜ୍ଞ (କର୍ମଯୋଗ)' ପ୍ରବଚନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ୱାମୀ ସଦାନନ୍ଦ ଏହା କହିଥିବା ବେଳେ କଟକ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ଶାନ୍ତିପାଠ କରିବା ସହିତ ଗୀତାର ମାହାତ୍ମ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ । ସ୍ୱାମୀ ଚିନ୍ମୟାନନ୍ଦଙ୍କ ମହସମାଧି ଦିବସ ଅବସରରେ ସେବାକାର୍ଯ୍ୟରେ ଜୀବନବ୍ୟାପୀ ସାଧନା ନିମନ୍ତେ ପ୍ରଫେସର ଡା. ଅନୁପମା ପଣ୍ଡା ଓ ପଶୁଚିକିତ୍ସକ ଡା.ଅନ୍ତର୍ଯ୍ୟାମୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଚିନ୍ମୟମିଶନର ସଭାପତି ଡା.ଚିତ ରଞ୍ଜନ ଷଡ଼ଙ୍ଗୀ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ସଂଗ୍ରାମକେଶରୀ କରଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜ୍ଞାନଯଜ୍ଞକୁ ଚିନ୍ମୟ ଅମୃତ ମହୋତ୍ସବର ଅଧକ୍ଷ ନିହାର ରଞ୍ଜନ ରାୟ, ବିକାଶ ରଞ୍ଜନ ମହାନ୍ତି, ଉପସଭାପତି ରାଧାଶ୍ୟାମ ବେହେରା ଓ ଅକ୍ଷୟ କୁମାର ଆଚାର୍ଯ୍ୟ ଏବଂ କୋଷାଧକ୍ଷ ମହେଶ୍ୱର ସାହୁ ଓ ଯୁଗ୍ମସମ୍ପାଦିକା ରୁନୁବାଳା ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

କଟକ କଲେଜର ପ୍ରତିଷ୍ଠା ଦିବସ

୩୩ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୪।୮/ଏନ୍ଏନ୍ଏସ୍:କଟକ କଲେଜର ୪୬ତମ ପ୍ରତିଷ୍ଠା ଉପ ଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବ୍ ଅଫ୍ କଟକ ଗ୍ରୀନ୍‌ଫିଲ୍ଡ ତରଫରୁ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଓ କଟକ କଲେଜ ଅଧକ୍ଷା ଶାରଦା କର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରେଡକ୍ରସ ଉପଦେଷ୍ଟା ରୁନୁବାଳା ମହାରଣା, ଯୁବ ରେଡକ୍ରସ ଅଧିକାରୀ କୁମାର ପ୍ରଦୀପ ମିଶ୍ର ଓ ଏନ୍.ଏସ.ଏସ. ଅଫିସର ନପ୍ରତା ନାୟକ ଶିବିରକୁ ପରିଚାଳନା କରିଥିଲେ । ରୋଟାରୀ କ୍ଲବ ଅଫ କଟକ ଗ୍ରୀନଫିଲ୍ଡ ତରଫରୁ ପୂର୍ବତନ ସଭାପତି ତୁଷାର ରଞ୍ଜନ ଦାସ, ଡ. ସଂଯୁକ୍ତା ଦାସ, ଡ.ସନ୍ତୋଷ କୁମାର ମହାନ୍ତି, କଟକ କଲେଜର ଅବସରପ୍ରାପ୍ତ ଅଧକ୍ଷ ଓ କର୍ମଚାରୀ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଡା.ବିନାୟକ ପ୍ରସାଦ ପୃଷ୍ଟି ଓ ତାଙ୍କର ସହକର୍ମୀ ରକ୍ତ ସଂଗ୍ରହ କରିଥିଲେ ।

୨୪ ନଂ ୱାର୍ଡରେ ସ୍ୱାସ୍ଥ୍ୟ ଶିବିର

କଟକ,୪।୮/ଏନ୍ଏନ୍ଏସ୍:କଟକ ମହାନଗର ନିଗମ (କେଏମସି) ଅନ୍ତର୍ଗତ ୨୪ ନମ୍ବର ୱାର୍ଡ଼ ଅଧୀନରେ ଥିବା ସାମନ୍ତସାହି ଚନ୍ଦନ ପଡ଼ିଆ ଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ତଥା କେଏମସି ସ୍ୱାସ୍ଥ୍ୟ କମିଟିର ଅଧକ୍ଷା ଦୀପ୍ତିମୟୀ ମୁଲିଆ ଏହାର ନେତୃତ୍ୱ ନେଇଥିଲେ । ଏହି ଶିବିରରେ ସ୍ଥାନୀୟ ଅଂଚଳର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଡେଙ୍ଗୁ ଚିହ୍ନଟ ପାଇଁ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ଏହାସହ ଆବଶ୍ୟକତା ଅନୁଯାୟୀ ରୋଗୀମାନଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ବାସିନ୍ଦା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ୱାର୍ଡ଼ର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

ରାଜ୍ୟ ସଚିବାଳୟରେ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ

ସରକାରଙ୍କୁ କୃତଜ୍ଞତା ଦେଲେ ରାଜ୍ୟ ଆଇନଜୀବୀ ପରିଷଦ

କଟକ,୪।୮/ଏନ୍ଏନ୍ଏସ୍: ରାଜ୍ୟର ଅ।ଇନଜୀବୀମାନଙ୍କ ପାଇଁ ଅ।ଇନ ଏକାଡେମୀ, ଅ।ଇନଜୀବୀ କଲ୍ୟାଣ ପାଣ୍ଠି ୯ ଲକ୍ଷ ଟଙ୍କାକୁ ବୃଦ୍ଧି, ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ସହିତ ମ୍ୟାଟିଂ ଗ୍ରାଣ୍ଟ୍ ୧୦ କୋଟିରୁ ୧୫ କୋଟି କରିବା ପାଇଁ ସରକାରଙ୍କ ତତ୍ପରତା ପାଇଁ ରାଜ୍ୟ ଅ।ଇନଜୀବୀ ପରିଷଦ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟ ସଚିବାଳୟରେ ରାଜ୍ୟ ଅ।ଇନଜୀବୀ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଅ।ଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଅ।ଲୋଚନା କରିଛନ୍ତି । ସମସ୍ତ ଅ।ଇନଜୀବୀମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା କରିବା ପାଇଁ ଅ।ଇନ ମନ୍ତ୍ରୀ ହରିଚନ୍ଦନଙ୍କୁ ଅନୁରୋଧ କରିଥିଲେ । ଅ।ଇନ ମନ୍ତ୍ରୀ ଏହାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ରାଜ୍ୟରେ ଖୁବଶୀଘ୍ର ଅ।ଇନ ଏକାଡେମୀ ଓ ଅ।ଇନଜୀବୀ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ସରକାର ଅ।ଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଛନ୍ତି ବୋଲି ପରିଷଦର ଅଧକ୍ଷ ଦ୍ୱିବେଦୀ ପ୍ରକାଶ କରିଛନ୍ତି । ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଅଧକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଅ।ଇନଜୀବି ବିଭୁ ପ୍ରସାଦ ତ୍ରିପାଠୀ, ସଦସ୍ୟ ଧନଞ୍ଜୟ ମୁଣ୍ଡ, ଅ।ମ୍ବା ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ ଅ।ଇନ ମନ୍ତ୍ରୀଙ୍କ ସହ ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ଅ।ଲୋଚନା କରିଛନ୍ତି । ରାଜ୍ୟ ସରକାର ଅ।ଇନଜୀବୀ ସୁରକ୍ଷା ଅ।ଇନ ପାଇଁ ପ୍ରସ୍ତାବିତ ବିଲ ଉପରେ ଅ।ଇନଜୀବୀ ପରିଷଦର ମତାମତ ଲୋଡ଼ିଛନ୍ତି । ଅ।ଇନଜୀବୀମାନଙ୍କ ପେଶାଗତ ଦକ୍ଷତା ବୃଦ୍ଧି ପାଇଁ ଅ।ଇନ ଏକାଡେମୀ ପାଇଁ ରାଜ୍ୟ ଅ।ଇନଜୀବୀ ପରିଷଦକୁ ସରକାର ଜମି ଯୋଗାଇଦେବେ । ପ୍ରାରମ୍ଭିକ ସ୍ତରରେ ସରକାର ଏଥିପା

- ରେଳଷ୍ଟେସନ୍‌ରେ ଭବ୍ୟ ସ୍ୱାଗତ
- ଛୁଆଙ୍କୁ ବାଣ୍ଟିଲେ ଚକୋଲେଟ୍
- ଗଞ୍ଜାମ କଳାକାରଙ୍କ ସହ ଉଠାଇଲେ ଫଟୋ

ବ୍ରହ୍ମପୁରରେ ମହାମହିମ ରାଷ୍ଟ୍ରପତି

ବ୍ରହ୍ମପୁର,୪।୮/ଏନ୍‌ଏନ୍‌ଏସ୍: ମହାମହିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ମଙ୍ଗଳବାର ପୂର୍ବାହ୍ନରେ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ସେ ବ୍ରହ୍ମପୁର ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲେ। ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ବ୍ରହ୍ମପୁର ରେଳଷ୍ଟେସନରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣା ବିବେକ ଏମ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଳଷ୍ଟେସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁନ୍ଦର ସାଜସଜ୍ଜା ଏବଂ ପରିଷ୍କାର-ପରିଚ୍ଛନ୍ନତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଝଲକ ସ୍ୱରୂପ ବାଘ ନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ପରିବେଷଣ ଏବଂ ଶୁଭ ଶଙ୍ଖଧ୍ୱନି ମଧ୍ୟରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି କଳାକାରମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ସେମାନଙ୍କ ସହ ଫଟୋ ଉଠାଇ ଉତ୍ସାହିତ କରିଥିଲେ। ରେଳଷ୍ଟେସନ ପରିସରରେ ଉପସ୍ଥିତ ସାଧାରଣ ଜନତା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରି ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତି ମଧ୍ୟ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ। ବ୍ରହ୍ମପୁର ରେଳଷ୍ଟେସନରେ ସ୍ୱଳ୍ପ ସମୟ ଅବସ୍ଥାନ ପରେ ମାନ୍ୟବର ରାଷ୍ଟ୍ରପତି ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବିପୁଳ ସଂଖ୍ୟାରେ ଆବାଳବୃଦ୍ଧବନିତା ଓ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ସ୍ୱାଗତଂ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲେ। ବ୍ରହ୍ମପୁର ସହରର ମିନାକ୍ଷୀ ନଗରଠାରେ ମାନ୍ୟବର ରାଷ୍ଟ୍ରପତି କୁନିକୁନି ଛୁଆଙ୍କୁ ଦେଖି ଗାଡ଼ିରୁ ଓହ୍ଲାଇବା ସହ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟିଥିଲେ।

ମା' କନ୍ଧୁଣୀ ଦେବୀଙ୍କ ଆଶୀର୍ବାଦ ନେଲେ

ଗଞ୍ଜାମ ଜିଲ୍ଲାର ପବିତ୍ର ତପ୍ତପାଣି ଆଜି ଏକ ବିରଳ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି। ଦେଶର ପ୍ରଥମ ନାଗରିକ ମହାମହିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏହି ଗସ୍ତ ସମଗ୍ର ଅଞ୍ଚଳ ପାଇଁ ଗୌରବ, ଆଧ୍ୟାତ୍ମିକତା ଓ ଆନନ୍ଦର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ। ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇ ଉଠିଥିଲା। ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ। ଏହି ଅବିସ୍ମରଣୀୟ ଅବସରରେ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ ଯେରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ। ମା' କନ୍ଧୁଣୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଦେଶର ପ୍ରଥମ ନାଗରିକଙ୍କ ଏହି ପବିତ୍ର ପଦାର୍ପଣ ଆମ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଗର୍ବିତ ଓ ଆତ୍ମବିଭୋର କରିଛି। ତାଙ୍କର ଏହି ପବିତ୍ର ଗସ୍ତ ତପ୍ତପାଣି ଓ ସମଗ୍ର ଆଦିବାସୀ ଅଞ୍ଚଳର ବିକାଶ, ପରିଚୟ ଓ ସମୃଦ୍ଧିର ନୂତନ ଦିଗ ଉନ୍ମୋଚନ କରିବ ବୋଲି କହିଛନ୍ତି। ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ, ଶ୍ରଦ୍ଧାଳୁ ଓ ସାଧାରଣ ଜନସାଧାରଣ ଏହାକୁ କେବଳ ଏକ ଉଚ୍ଚସ୍ତରୀୟ ଗସ୍ତ ଭାବେ ନୁହେଁ, ବରଂ ସେମାନଙ୍କ ସଂସ୍କୃତି, ପରମ୍ପରା, ଆସ୍ଥା ଓ ଜୀବନଶୈଳୀ ପ୍ରତି ଜାତୀୟ ସମ୍ମାନର ଏକ ଅନନ୍ୟ ପ୍ରତୀକ ଭାବେ ଦେଖିଛନ୍ତି।

ଭୁବନେଶ୍ୱରରୁ ପବିତ୍ର ତପ୍ତପାଣି ପର୍ଯ୍ୟନ୍ତ ଐତିହାସିକ ଗସ୍ତ

ପ୍ରକୃତି, ପରମ୍ପରା ଓ ଆଧ୍ୟାତ୍ମିକତା ଏକ ଅପୂର୍ବ ସମନ୍ୱୟର ସାକ୍ଷୀ ପାଲଟିଲା ଗଞ୍ଜାମ। ଭାରତର ପ୍ରଥମ ନାଗରିକ ମହାମହିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଗଞ୍ଜାମ ଗସ୍ତ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନଥିଲା; ଏହା ଥିଲା ଓଡ଼ିଶାର ସାଂସ୍କୃତିକ ଚେତନା, ପ୍ରାକୃତିକ ବୈଭବ ଓ ଜନଆସ୍ଥାର ଏକ ଅନନ୍ୟ ଉତ୍ସବ। ଭୁବନେଶ୍ୱରରୁ ରେଳ ଯୋଗେ ଯାତ୍ରା ଆରମ୍ଭ କରିବା ପରେ ଚିଲିକାର ନୀଳ ଜଳରାଶି, ସବୁଜ ଧାନକ୍ଷେତ, ଘନନୀଳ ବନାନୀ ଓ ଗ୍ରାମୀଣ ଜୀବନର ସରଳ ସୌନ୍ଦର୍ଯ୍ୟ ମାଧ୍ୟମରେ ଆଗେଇ ଚାଲିଥିଲା ଏହି ଗୌରବମୟ ଯାତ୍ରା। ପ୍ରକୃତି ନିଜେ ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଉଥିଲା। ରେଳପଥର ବିଭିନ୍ନ ଷ୍ଟେସନ, ଲେଭେଲ୍ କ୍ରସିଂ ଓ ଜନବସତିରେ ହଜାର ହଜାର ଜନସାଧାରଣ, ଛାତ୍ରଛାତ୍ରୀ ଏବଂ ଲୋକକଳାକାରମାନେ ହାତରେ ଜାତୀୟ ପତାକା ଓ ବାଦ୍ୟଯନ୍ତ୍ର ଧରି ଉତ୍ସାହର ସହ ଅପେକ୍ଷା କରିଥିଲେ। ସେମାନଙ୍କର ଉତ୍ସାହ, ଆନନ୍ଦ ଓ ଆତ୍ମୀୟ ସ୍ୱାଗତ ଏହି ଯାତ୍ରାକୁ ଏକ ଜନଉତ୍ସବରେ ପରିଣତ କରିଥିଲା। ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିବା ପରେ ସତୀର୍ଥ ସଂକୀର୍ତ୍ତନ, ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବ୍ୟାଘ୍ର ନୃତ୍ୟ ଓ ଗଞ୍ଜାମର ବିବିଧ ଲୋକକଳାର ମନୋମୁଗ୍ଧକର ପରିବେଷଣ ମଧ୍ୟରେ ମାନ୍ୟବର ରାଷ୍ଟ୍ରପତିଙ୍କୁ ଭବ୍ୟ ଅଭ୍ୟର୍ଥନା ଜଣାଯାଇଥିଲା। ସମଗ୍ର ପରିବେଶ ଭକ୍ତି, ପରମ୍ପରା ଓ ଗୌରବର ଅନନ୍ୟ ସମାଗମରେ ପରିଣତ ହୋଇଥିଲା। ବ୍ରହ୍ମପୁରରୁ ତପ୍ତପାଣି ଅଭିମୁଖେ ଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଗଞ୍ଜାମବାସୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ସବୁଜ ପାହାଡ़, ଘଞ୍ଚ ଅରଣ୍ୟ ଓ ପ୍ରକୃତିର ଅପରୂପ ଶୋଭା ମଧ୍ୟରେ ଏହି ଯାତ୍ରା ଗଞ୍ଜାମର ପର୍ଯ୍ୟଟନ ସମ୍ଭାବନାର ଏକ ଜୀବନ୍ତ ପରିଚୟ ପ୍ରଦାନ କରିଥିଲା। ପବିତ୍ର ତପ୍ତପାଣିରେ ପହଞ୍ଚି ରାଷ୍ଟ୍ରପତି ମା' କାନ୍ଧୁଣୀ ଦେବୀ ଓ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ। ପ୍ରକୃତିର କୋଳରେ ଅବସ୍ଥିତ ଏହି ପବିତ୍ର ପୀଠ ଆଦିବାସୀ ପରମ୍ପରା, ଆଧ୍ୟାତ୍ମିକ ଚେତନା ଓ ଲୋକବିଶ୍ୱାସର ଏକ ଜୀବନ୍ତ ପ୍ରତୀକ। ଏହି ଗସ୍ତ ଗଞ୍ଜାମର ପର୍ଯ୍ୟଟନ, ସଂସ୍କୃତି ଓ ଧାର୍ମିକ ଐତିହ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିବା ସହ ଜିଲ୍ଲାର ବିକାଶ ଯାତ୍ରାକୁ ଆହୁରି ଗତିଶୀଳ କରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉଲ୍ଲେଖ କରିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ସ୍ଥାନୀୟ ରୋଜଗାର ସୃଷ୍ଟି ଏବଂ ବିଶେଷକରି ଆଦିବାସୀ ଅଞ୍ଚଳର ଆର୍ଥିକ ସଶକ୍ତିକରଣ ଦିଗରେ ଏହି ଗସ୍ତ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ଐତିହାସିକ ଗସ୍ତ ଗଞ୍ଜାମ ଜିଲ୍ଲାପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲାପାଳ କହିଥିଲେ।

ଲୋକନୃତ୍ୟ ଓ ପାରମ୍ପରିକ ବାଦ୍ୟର ତାଳରେ ପ୍ରକମ୍ପିତ ହେଲା ତପ୍ତପାଣି

ବ୍ରହ୍ମପୁର,୪।୮/ଏନ୍‌ଏନ୍‌ଏସ୍: ଦେଶର ମହାମହିମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତ ଅବସରରେ ପବିତ୍ର ତପ୍ତପାଣି ଆଜି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନ କରିଥିଲେ। ଖେମୁଣ୍ଡିଖୋଲାର 'ନୀଳମାଧବ ଗ୍ରୁପ୍' ଟମକ ଓ ଚାଙ୍ଗୁର ମଧୁର ତାଳରେ ପାରମ୍ପରିକ ଗ୍ରାମୀଣ ଲୋକନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ସେହିପରି ସୁବର୍ଣ୍ଣଗଡ଼ର 'ମା' ଦଣ୍ଡକାଳୀ ଗ୍ରୁପ୍' ପ୍ରାଚୀନ ସୌରା(ଶବର) ଜନଜାତିର ପାରମ୍ପରିକ ନୃତ୍ୟ ପରିବେଷଣ କରି ଆଦିବାସୀ ସଂସ୍କୃତିର ଅନନ୍ୟ ବୈଭବକୁ ଜୀବନ୍ତ କରିଥିଲେ। ଗଞ୍ଜାମର କନ୍ଧ ଆଦିବାସୀ ପରମ୍ପରାର ସ୍ୱକୀୟତାକୁ ଉଜାଗର କରି 'ସଂରଚନା ଗ୍ରୁପ୍'ର କଳାକାରମାନେ ଚାଙ୍ଗୁ, ନିଶାନ, ବଂଶୀ, ଗିନି, ଝାଞ୍ଜ, ଘଣ୍ଟ, ମହିଷୀ ଶିଙ୍ଗା ଓ ତୁରୀ ଭଳି ବିଭିନ୍ନ ପାରମ୍ପରିକ ବାଦ୍ୟର ଲୟ ଓ ତାଳରେ ଆକର୍ଷଣୀୟ 'ସାଦ୍ରା ନୃତ୍ୟ' ପରିବେଷଣ କରି ପରିବେଶକୁ ପ୍ରାଣବନ୍ତ କରିଥିଲେ। ଅନ୍ୟପକ୍ଷରେ କଟପଲ୍ଲୀର 'ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ଦଳ' ମୃଦଙ୍ଗ, ହାରମୋନିଅମ୍ ଓ ମଧୁର କୀର୍ତ୍ତନରେ ସମଗ୍ର ପରିବେଶକୁ ଭକ୍ତିରସରେ ଭରି ଦେଇଥିଲେ। ଜିସଗଡ଼ାବସାର 'ତୁଳସୀ ଗ୍ରୁପ୍' କାମାକା, ଝାଞ୍ଜ, ମହୁରୀ ଓ ତୁରୀର ସୁମଧୁର ଧ୍ୱନିରେ ସୌରା ଜନଜାତିର ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ପୋଡ଼ାମାଡ଼ି ଗ୍ରାମର 'ତ୍ରିନାଥ ଠାକୁର କଳିଙ୍ଗ ପୁଅ ଦଳ' ଘଣ୍ଟ ଓ ମୃଦଙ୍ଗର ଗମ୍ଭୀର ନିନାଦ ସହ ବୀରତ୍ୱପୂର୍ଣ୍ଣ ପାରମ୍ପରିକ ନୃତ୍ୟ ପରିବେଷଣ କରି ସ୍ୱାଗତ ପରିବେଶକୁ ଆହୁରି ଭବ୍ୟ ଓ ପ୍ରାଣବନ୍ତ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇଉଠିଥିଲା। ଗଞ୍ଜାମର ଲୋକକଳା, ଆଦିବାସୀ ପରମ୍ପରା ଓ ସାଂସ୍କୃତିକ ଐଶ୍ୱର୍ଯ୍ୟର ଏଭଳି ଜୀବନ୍ତ ଉପସ୍ଥାପନା ମାନ୍ୟବର ରାଷ୍ଟ୍ରପତିଙ୍କ ସମ୍ମୁଖରେ କରିବାର ସୁଯୋଗ ସମଗ୍ର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଥିଲା। ସ୍ଥାନୀୟ କଳାକାର, ସଂଗଠକ ଏବଂ କଳାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି ଯେ, ଏହି ଐତିହାସିକ ଅବସର ଗଞ୍ଜାମର ଲୋକକଳା ଓ ଆଦିବାସୀ ସାଂସ୍କୃତିକ ପରମ୍ପରାକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିବ।

ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ

ଭୁବନେଶ୍ୱର,୪।୮/ଏନ୍‌ଏନ୍‌ଏସ୍: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନି ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳେ ଲୋକ ଭବନରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ୍ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ି, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୁପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି ଅନନ୍ୟ କଳାକୃତିଗୁଡ଼ିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

ମା' ମଙ୍ଗଳା ପୀଠର ଉନ୍ନତିକରଣ ବୈଠକ

ଭୁବନେଶ୍ୱର,୪।୮/ଏନ୍‌ଏନ୍‌ଏସ୍: ପୁରୀ ଜିଲ୍ଲା କାକଟପୁର, ମା'ମଙ୍ଗଳା ପୀଠର ସାମଗ୍ରିକ ଉନ୍ନତିକରଣ ନେଇ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପ, ବଣଭୋଜି ଜୋନ୍, ପ୍ରାଚୀନଦୀରେ

ବିଜେସ୍ଥଳୀ ଓ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ

ଐତିହ୍ୟ ଘାଟ ନିର୍ମାଣ, ସ୍ୱତନ୍ତ୍ର ସେତୁ ନିର୍ମାଣ, ଛୋଟପିଲାଙ୍କ ଲାଗି ପାର୍କ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ ଲାଗି ସର୍ଭେ କରି ରିପୋର୍ଟ ଦେବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଆମ ଆସ୍ଥା ଓ ବିଶ୍ୱାସର ପ୍ରାଣକେନ୍ଦ୍ର କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରର ସାମଗ୍ରିକ ବିକାଶ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରାଥମିକତା ରହିଛି।ବୈଠକରେ ଓବିସିସିର ପରିଚାଳନା ନିର್ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସ

ବ୍ରହ୍ମପୁରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ

ନଦୀରେ ବୁଡ଼ି ଶିଶୁ କନ୍ୟା ମୃତ

ବୁଗୁଡ଼ା,୪।୮/ଏନ୍‌ଏନ୍‌ଏସ୍‌: ବୁଗୁଡ଼ା ବ୍ଲକ ଭାମଶିଆଳି ପଞ୍ଚାୟତ ଅନ୍ତର୍ଗତ କୁଆନଳା ଗ୍ରାମରେ ନଦୀରେ ବୁଡି ଯାଇ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ଶିଶୁ ହେଲେ ପୋଲସରା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ରୁଲୁ ବେହେରାଙ୍କ ଝିଅ ଅନ୍ନପୂର୍ଣ୍ଣା ବେହେରା(୫) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୨୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାଝୀତା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଅନ୍ନପୂର୍ଣ୍ଣା କୁଆନଳା ଗ୍ରାମରେ ଥିବା ତାଙ୍କର ବଡ଼ବାପାଙ୍କ ଘରକୁ ଗତକାଲି ବୁଲିବାକୁ ଆସିଥିଲେ । ଆଜି ସକାଳ ସମୟରେ ଖେଳୁଥିବା ସମୟରେ ଘର ନିକଟରେ ବହି ଯାଇଥିବା ବାଘୁଆ ନଦୀକୁ ଯାଇ ପାଣିରେ ବୁଡି ଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ଶେଷରେ ନଦୀ ପାଣିରୁ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏଏସ୍‌ଆଇ ବାପୁଜୀ ଖଣ୍ଡଗିରି ଘଟଣାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ଜଣାଯାଇଛି ।

ମଣ୍ଡଳସ୍ତରୀୟ ବିଏଲ୍‌ଏ-୨ ପ୍ରଶିକ୍ଷଣ ଶିବିର

ଛତ୍ରପୁର,୪।୮/ଏନ୍‌ଏନ୍‌ଏସ୍‌: ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପାର୍ଟି ପକ୍ଷରୁ ଛତ୍ରପୁରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୁଥ ବିଏଲଏ-୨ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଅଶୋକ କୁମାର ପଟ୍ଟନାୟକ ଓ ଛତ୍ରପୁର ନଗର କଂଗ୍ରେସ କମିଟି ସଭାପତି କାଳିଆ ରାଉଳଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଜାରି ରହିଥିବା ଏସ୍‌ଆଇଆର ପ୍ରକ୍ରିୟାରେ ନୂତନ ମତଦାତାଙ୍କ ନାମ ସଂଯୋଜନ, ତ୍ରୁଟି ସଂଶୋଧନ, ଦାବି ଓ ଆପତ୍ତ ପ୍ରକ୍ରିୟା ସହ ବିଏଲଏ-୨ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ତାଲିମ୍ ବୁଥ୍‌ସ୍ତରୀୟ ସହାୟକଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଜିଲ୍ଲା ସମ୍ପାଦିକା ସୁଜ୍ଞାନି ପଟ୍ଟନାୟକ,ଛତ୍ରପୁର ବ୍ଲକ ସଭାପତି ସୁଦାମ ପୁରୋହିତ , କଂଗ୍ରେସ କୃଷକ ନେତା ପୂର୍ଣ୍ଣ ଚନ୍ଦ୍ର ଦାଶ, ଲିଙ୍ଗରାଜ ନାୟକ, ଦିଲ୍ଲୀପ ପଟ୍ଟନାୟକ, କାଳୁ ଚରଣ ତ୍ରିପାଠୀ, ଶତ୍ରୁଘ୍ନ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଯୋଗ ଦେଇଥିଲେ ।

ସଂସ୍କୃତ ମହାବିଦ୍ୟାଳୟରେ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ

ଆସିକା,୪।୮/ଏନ୍‌ଏନ୍‌ଏସ୍‌: ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆସିକା ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ଏବଂ ମେକ୍ ମାଇକେଲ୍ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବାବାନାଥ

ମିଶ୍ର ଯୋଗଦେଇ ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସଂପର୍କରେ ସଚେତନ କରିବା ସାଙ୍ଗକୁ ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଉଛି । ତେଣୁ ଯୁବ ସମାଜ ମାରାତ୍ମକ ନିଶା ଆଡକୁ ଜାଣିଶୁଣି ବା ସଂଗଦୋଷରୁ ଆକୃଷ୍ଟ ନ ହେବାକୁ ପରାମର୍ଶ ଦେବା ସହ ଯୁବ ଶକ୍ତି ନିଶା ବିରୋଧୀ ଅଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିବା ଲକ୍ଷ୍ୟ କରାଯାଇଥିଲା । ଆସିକା ମେକ୍ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପିକା କବିତା କୁମାରୀ ଦାଶ, ଅଧ୍ୟାପକ ଶିଶିର କୁମାର ମିଶ୍ର, କିରାଣୀ ଟୁନା ମହାରଣା ଯୋଗଦେଇ ଛାତ୍ରଛାତ୍ରୀମାନେ ନିଶାମୁକ୍ତ ସମାଜର ଦୂତ ହେବାକୁ ପରାମର୍ଶ ଦେଇଥିବା ଦେଖିବାକୁ ମିଳିଥିଲା । ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲା ବେଳେ ସାମୂହିକ ଶପଥପାଠର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବୁଗୁଡ଼ା ଅଞ୍ଚଳର ଅଧିକାଂଶ ହାଇସ୍କୁଲ୍ ଓ କଲେଜରେ ନାହିଁ ଏନ୍‌ସିସି

ବୁଗୁଡ଼ା,୪।୮/ଏନ୍‌ଏନ୍‌ଏସ୍‌: ପୁଲିସ କିମ୍ବା ସେନାରେ କାମ କରିବାକୁ ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀ ସବୁବେଳେ ବିଦ୍ୟାଳୟର

ଏନ୍‌ସିସିରେ ସାମିଲ ହେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି । ହାଇସ୍କୁଲ ଓ କଲେଜରୁ ଏନ୍‌ସିସିକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ସହ ସ୍ୱତନ୍ତ୍ର ପ୍ରମାଣପତ୍ର ମଧ୍ୟ ପାଇଥାନ୍ତି । ଏନ୍‌ସିସି ଛାତ୍ରଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା ଆଣିବା ସହ ପାଠପଢା, ନାମଲେଖା ଓ ନିଯୁକ୍ତି କ୍ଷେତ୍ରରେ ବିଶେଷ ସହାୟକ ହୋଇଥାଏ ଏବଂ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କ୍ଷେତ୍ରରେ ମଧ୍ୟ ସାହାଯ୍ୟ କରିଥାଏ । ବୁଗୁଡା ବ୍ଲକ ଓ ଏନ୍‌ଏସି ପରିସରଭୁକ୍ତ ଅଞ୍ଚଳରେ ଥିବା ପିପୁଲ୍ସ ହାଇସ୍କୁଲ, ବାଲିପଦର ହାଇସ୍କୁଲ, ପିପୁଲ୍ସ କଲେଜ ଆଦି ହାତଗଣତି କିଛି ଶିକ୍ଷାନୁଷ୍ଠାନକୁ ଛାଡିଦେଲେ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଏନ୍‌ସିସି ନାହିଁ । ଅନ୍ୟପକ୍ଷରେ ପଙ୍କଳବାଡି ହାଇସ୍କୁଲରେ ଏନସିସି ଆରମ୍ଭ ହୋଇଥିଲା, କିନ୍ତୁ ତାହା ବନ୍ଦ ହୋଇଯାଇଛି । ଫଳରେ ଛାତ୍ରଛାତ୍ରୀମାନେ ଏନ୍‌ସିସି ପ୍ରଶିକ୍ଷଣର ବଞ୍ଚିତ ହୋଇଆସୁଥିବା ଅଭିଯୋଗ ହେଉଛି । ବିଦ୍ୟାଳୟ ସ୍ତରରୁ ଦେଶର ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଏନ୍‌ସିସି ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ଏଥିପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ଏନ୍‌ସିସି (ଜାତୀୟ କ୍ୟାଡେଟ୍ କର୍ପସ୍)କୁ ସୁଦୃଢ କରିବା ସହିତ ଏନ୍‌ସିସି ଭିତ୍ତିଭୂମିକୁ ମଜବୁତ୍ କରାଯାଇଥାଏ । ବୁଗୁଡା ଅଞ୍ଚଳର ଅଧିକାଂଶ ଶିକ୍ଷାନୁଷ୍ଠାନରେ ଏନ୍‌ସିସି ଶିକ୍ଷକ ଓ ଭିତ୍ତିଭୂମି ଅଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ବାଟବଣା ହୋଇଥିବା ଅଭିଯୋଗ ହେଉଛି । ୪୦ ବର୍ଷରୁ କମ୍ ବୟସର ଶିକ୍ଷକଙ୍କୁ ଏନ୍‌ସିସି ଶିକ୍ଷକର ଦାୟିତ୍ୱ ପ୍ରଦାନ ପାଇଁ ନିୟମ ରହିଛି । ଏପରିକି ପ୍ରାକୃତିକ ବିପର୍ଯ୍ୟୟ ଓ ବଡ ବଡ କାର୍ଯ୍ୟକ୍ରମ ସମୟରେ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ରିଲିଫ୍ ବଣ୍ଟନ, ଔଷଧ ବଣ୍ଟନ, ଟ୍ରାଫିକ୍ ନିୟନ୍ତ୍ରଣ ଓ ବନ୍ୟାବାତ୍ୟା ପରବର୍ତ୍ତୀକାଳୀନ ଉଦ୍ଧାର କାର୍ଯ୍ୟରେ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ବୁଗୁଡା ଅଞ୍ଚଳର ସମସ୍ତ ହାଇସ୍କୁଲ ଓ କଲେଜରେ ଏନ୍‌ସିସି ସୁବିଧା ପ୍ରଦାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

ଆସିକା ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହେଲା ପିଟିଏମ୍

ଆସିକା,୪।୮/ଏନ୍‌ଏନ୍‌ଏସ୍‌: ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୩ଟି କ୍ଲଷ୍ଟରର ପ୍ରାୟ ୧୫୨ଟି ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଗୁଡିକରେ ଏହି ପିଟିଏମ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢୀ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭଂଜ ବେହେରା ଓ ଶିବରାମ ବେହେରାଙ୍କ ପରାମର୍ଶକ୍ରମେ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରୀଙ୍କ ଅଭିଭାବକ, ପରିଚାଳନା କମିଟିର ସଦସ୍ୟମାନେ ଏହି ଅଭିଭାବକ-ଶିକ୍ଷକ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରି ନାମ ଲେଖାଇବା ହାରକୁ ବୃଦ୍ଧି କରିବା, ଆଗାମୀ ୨୦୨୯ ମସିହା ସୁଦ୍ଧା ନିଶାମୁକ୍ତ ଭାରତ ଗଠନ ପାଇଁ କାର୍ଯ୍ୟକାରୀ କରାଯାଇଥିବା ନିଶାମୁକ୍ତ ଭାରତ ଅଭିଯାନ ଓ ବିକଶିତ ଭାରତର ପରିଚୟ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା, ଶିଶୁବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପ୍ରାରମ୍ଭିକସ୍ତର ପର୍ଯ୍ୟନ୍ତ ଆକଳନ ରୂପରେଖକୁ ସଫଳ କରିବା, ମା ପାଇଁ ଗଛଟିରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, କିଶୋର ଛାତ୍ରଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର୍ ଓ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା ସହ ବିଦ୍ୟାଳୟର ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା, ସ୍ୱଚ୍ଛତା ପକ୍ଷ-୨୦୨୬ ଏବଂ ସୁରଭି-୨୦୨୬ ପାଳନ କରିବା, ଡିଜିଟାଲ୍ ଦୁନିଆରେ ପିଲାଙ୍କ ସୁରକ୍ଷା ଦିଗରେ ଅଭିଭାବକଙ୍କ ଭୂମିକା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମେତ ବିଭିନ୍ନ ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ କେନ୍ଦୁପଦର, ନିମିନା, ବାଲିସିରା, କେ.ନୁଆଁପଲ୍ଲୀ, ଗଙ୍ଗାପୁର, ଆସିକା ଏନ୍‌ଏସି, ବାବନପୁର, ଭେଟନଇ, ବଡଖୋଲି, ହରିଡାପଦର, କାଳଷଷ୍ଠପୁର, ନଳବଣ୍ଡା, ଖାରିଆ କ୍ଲଷ୍ଟର ଅଧୀନସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା ।

ସୁଧୁରୁନି ବିପର୍ଯ୍ୟସ୍ତ ଡ୍ରେନେଜ୍‌ର ସ୍ଥିତି

ଘଣ୍ଟାଏ ବର୍ଷାରେ ଆସିକା ସହରର ବହୁ ପ୍ରମୁଖ ରାସ୍ତା ଉବୁଟୁବୁ

ଆସିକା,୪।୮/ଏନ୍‌ଏନ୍‌ଏସ୍‌: ଆସିକା ସହରରେ ମଙ୍ଗଳବାର ଦିନ ପ୍ରାୟ ସାଢେ ଗୋଟାଏରୁ ଦୁଇଟା ପର୍ଯ୍ୟନ୍ତ ମୁଶଳଧାରରେ ବର୍ଷା ଲାଗି ରହିଥିଲା । ଫଳରେ ସଦାସର୍ବଦା ବ୍ୟସ୍ତବହୁଳ ରହୁଥିବା ବିନାୟକ ବଜାର, କଳିଙ୍ଗ ରୋଡ, ସୁବର୍ଣ୍ଣପେଟା ସାହି, ଅଶୋକା ସିନେମା ରୋଡ, ତାଲୁକା ରୋଡ ସମେତ ବହୁ ପ୍ରମୁଖ ରାସ୍ତାରେ ବର୍ଷାପାଣି ଦୀର୍ଘ ସମୟ ଧରି ନିଷ୍କାସିତ ହୋଇନପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଆସିକା ସହର ମାତ୍ର ଘଣ୍ଟାଏ ବର୍ଷାରେ ବେହାଲ୍ ହୋଇପଡିଥିଲା ବେଳେ ଅଧା ସାହିବସ୍ତି ବର୍ଷାପାଣିରେ ଉବୁଟୁବୁ ହୋଇଯାଇଥିଲା । ଯାହାରି ଫଳରେ କେତେକ ଅଞ୍ଚଳର ଜନସାଧାରଣ ଜଳବନ୍ଦୀର ସମ୍ମୁଖୀନ ହୋଇଥିବା ବେଳେ ଯାତାୟତରେ ମଧ୍ୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଆସିକା ସହରର କେତେକ ସାହିବସ୍ତି ଓ କଳିଙ୍ଗରୋଡ

ମୁଖ୍ୟରାସ୍ତା ପାର୍ଶ୍ୱରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଅସରାଏ ବର୍ଷାରେ ପାଣି ନିଷ୍କାସିତ ହୋଇନପାରି ରାସ୍ତା ଗୁଡିକ ଜଳାର୍ଣ୍ଣବ ହୋଇଥିଲା । ବର୍ଷ ବର୍ଷ ଧରି ଆସିକା ସହରର କେତେକ ଅଞ୍ଚଳରେ ଲାଗି ରହିଥିବା ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାକୁ ସଜାଡିବା ଦିଗରେ ପ୍ରଶାସନ ବିଫଳ ହୋଇଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବିଜୟୱାଡା-ରାଞ୍ଚି କରିଡର ଅଧିନସ୍ଥ ଆସିକା କଳିଙ୍ଗରୋଡ ମୁଖ୍ୟରାସ୍ତା ପାର୍ଶ୍ୱରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ନର୍ଦ୍ଦମାରେ ବର୍ଷାଜଳ ନିଷ୍କାସନ ହୋଇନପାରି ଉଚ୍ଚଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ସମ୍ମୁଖସ୍ଥ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା ଅସରାଏ ବର୍ଷାରେ ବର୍ଷାଜଳ ଦୀର୍ଘ ସମୟ ଧରି ଲହଡି ମାରୁଥିଲା । ସହରର କେତେକ ଡ୍ରେନ୍ ପୋତି ହୋଇଯାଇଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି । ଆସିକା ସହରର କେତେକ ଅଞ୍ଚଳର ମୁଖ୍ୟରାସ୍ତା ପାର୍ଶ୍ୱରେ ଲାଗି ରହିଥିବା ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ବିଭିନ୍ନ ମହଲରେ ଦୃଢ ମତ ପ୍ରକାଶ ପାଉଛି ।

ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ଶେରଗଡ,୪।୮/ଏନ୍‌ଏନ୍‌ଏସ୍‌: ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ତୃପ୍ତିମୟୀ ଜେନା ତିନି ଦିନିକିଆ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବିଡ଼ିଓ ତୃପ୍ତିମୟୀ ଜେନା, ଜୀବିକା ମିଶନ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସଦାଶିବ ସେଠି ପ୍ରମୁଖ ଉପସ୍ଥିତ ରହି ମହିଳାମାନେ ଯେପରି ଅଧିକ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେ ନେଇ ପରାମର୍ଶ ପ୍ରଦାନ ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରିଥିଲେ। ଏହି ଅବସରରେ ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ବିଭିନ୍ନ ହାତ ତିଆରି ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲା ଯାଇଥିଲା । ଏମବିକେ, ସିଆରପି, ପ୍ରାଣୀ ମିତ୍ର, କୃଷି ମିତ୍ର, ମିଶନ ଶକ୍ତି ମହିଳାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଇଟା ବୋଝେଇ ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍, ଚାଳକ ମୃତ

ରଙ୍ଗେଇଲୁଣ୍ଡା,୪।୮/ଏନ୍‌ଏନ୍‌ଏସ୍‌: ଗୋଳଚୁରା ଥାନା ଅଧିନସ୍ଥ ଗିରିସୋଲା ଗାଁ ନିକଟ ୧୬ ନଂ ଜାତୀୟ ରାଜପଥରେ ଛିଡା ହୋଇଥିବା ଏକ ଇଟା ବୋଝେଇ ଟ୍ରକକୁ ପଛରୁ ଧକ୍କା ଦେଇଛି ଅନ୍ୟ ଏକ ଟ୍ରକ । ଫଳରେ ଟ୍ରକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ହେଲଫର ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତ ଟ୍ରକ ଚାଳକ ତାମିଲିନାଡୁ ରାଜ୍ୟର ମେଘନାଦାନ ବୋଲି ପୁଲିସ ସୂଚନା ଦେଇଛି । ପ୍ରାପ୍ତ ସୂଚନା ପ୍ରକାରେ ମଙ୍ଗଳବାର ଅପରାହ୍ନ ୨ଟା ବେଳେ ଇଚ୍ଛାପୁର ପଟୁ ବ୍ରହ୍ମପୁର ଅଭିମୁଖେ ଏକ ଇଟା ବୋଝେଇ ଟ୍ରକ (ନଂ-ଓଡି୦୭ଡି-୧୩୫୭) ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍(ନଂ-ଟିଏନ୨୯-୨୦୩୦୯) ଭାରସାମ୍ୟ ହରାଇ ପଛପଟୁ ଧକ୍କା ଦେଇଥିଲା । ଫଳରେ ଟ୍ରକ୍ କେବିନ ଭିତରେ ଚାଳକ ଓ ହେଲଫର ଚିପି ହୋଇ ରହି ଯାଇଥିଲେ । ଖବର ପାଇ ଗୋଳଚୁରା ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଟ୍ରକକୁ କାଟି ଉଭୟଙ୍କୁ ଉଦ୍ଧାର କରିଥିଲେ । ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଚାଳକଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି ।

ନିତିଦିନ NITIDIN

ବନ୍ୟା କ୍ଷୟକ୍ଷତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ

ଜଗତସିଂହପୁର,୪।୮/ଏନ୍ଏନ୍ଏସ୍: ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ବନ୍ୟା କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟର ସବିଶେଷ ସମୀକ୍ଷା କରିଥିଲେ। ଜିଲ୍ଲାରେ ମହାନଦୀ ଓ ଦେବୀନଦୀ ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବ୍ୟାପକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ, ପାନୀୟଜଳ, କୃଷି, ଉଦ୍ୟାନ କୃଷି , ପ୍ରାଣୀ ଚିକିତ୍ସା,ଡ୍ରେନେଜ, ଇରିଗେସନ୍, ବିଦ୍ୟୁତ୍ ବିଭାଗ ପଦକ୍ଷେପର ସମୀକ୍ଷା କରିଥିଲେ। ଗୋ-ଖାଦ୍ୟ ଯୋଗାଇବାକୁ ଗୁରୁତ୍ୱ ଦେଇ ଆବଶ୍ୟକ ସ୍ଥଳେ ଲୋକାଲ ପର୍ଚେସ୍ର ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଘଡ଼ଘଡ଼ି ଜନିତ କ୍ଷୟକ୍ଷତିକୁ ରୋକିବା ପାଇଁ ତାଳଗଛ ଲଗାଇବା, ଜଳବାହିତ ରୋଗ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ଜୀବାଣୁନାଶକ କାର୍ଯ୍ୟ, ପାନୀୟଜଳ ଉତ୍ସର ବିଶୋଧନ ଏବଂ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ଆର୍ଡବ୍ଲ୍ୟୁଏସ୍ଏସ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରାବଣ ମାସର କାଉଡ଼ିଆ ଭକ୍ତମାନଙ୍କରେ ଜଳ ଉଠାଇବା ସମୟରେ ବ୍ୟାପକ ସତର୍କତା ସହ ସଚେତନତା ସୃଷ୍ଟି ପାଇଁ ଉପଦେଶ ଦେଇଥିଲେ। ଜିଲ୍ଲାରେ ଏବେବି ଅନେକ ପଞ୍ଚାୟତ ପାଣି ଘେରରେ ରହିଛି। ତେଣୁ ପାଣି ଛାଡ଼ିବା ପରେ ତୁରନ୍ତ ବିଭିନ୍ନ ଭାଗ କ୍ଷୟକ୍ଷତିର ଆକଳନ କରି

ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ କ୍ଷେତ୍ର ପରିଦର୍ଶନ ସମୟରେ ଚାଷୀମାନଙ୍କ ସହ କଥାହୋଇ ଭାଗଚାଷୀମାନଙ୍କ କ୍ଷତିପୂରଣ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏ ବିଷୟରେ ସରକାରୀସ୍ତରରେ ଆଲୋଚନା ପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିପାଇଁ ସେ ଜିଲ୍ଲା କୃଷି ଅଧିକାରୀଙ୍କୁ ଭାଗଚାଷୀ ଚିହ୍ନଟ ପାଇଁ କହିଥିଲେ। ଏଥିସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଆବଶ୍ୟକୀୟ ବିହନ ନେଇପାରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ଡ୍ରେନେଜ୍ ଓ ଇରିଗେଶନ ବିଭାଗରେ ଯଥାଶୀଘ୍ର ଟେଣ୍ଡର ଆୱାର୍ଡ କରି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବାସହ ଯେଉଁ ଏଜେନ୍ସିମାନେ ଅସୁବିଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବ୍ଲାକ୍ ଲିଷ୍ଟ୍ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ବଳ ନଦୀବନ୍ଧ ଯୋଗୁ ବହୁ ଅଞ୍ଚଳରେ ଘଳିଆ ହୋଇ ଜଳମଗ୍ନ ସ୍ଥିତି ଉପୁଜିଥିବାରୁ ଏହାର ତୁରନ୍ତ ମରାମତି, ଦଳ ନିଷ୍ପାସନ, ଡ୍ରେନ୍ ସଫା ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ତ୍ୱରିତ ପଦକ୍ଷେପ, ଉଦ୍ଧାର, ରିଲିଫ୍ ଯୋଗାଣ ସହିତ ସଫଳତା ପୂର୍ବକ ବନ୍ୟାର ମୁକାବିଲା କରିଥିବାରୁ ସେ ପ୍ରଶାସନକୁ ଧନ୍ୟବାଦ୍ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ରହି ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଅନେକ ବନ୍ଧର ଜଖ ଠିକ୍ ନଥିବାରୁ ଗାଁ ଗୁଡ଼ିକ ଜଳମଗ୍ନ ହୋଇଛି। ସାହାରଡିଆରେ କାଳିକୁଦ, ଚୌଧୁରିକୁଦ ଆଦି ଏହି କାରଣରୁ ଜଳମଗ୍ନ ହୋଇଛି। ତେଣୁ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସେହିପରି ରାହାମା ବଜାର ନିକଟରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଉପଦେଶ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବୈଠକରେ ଉପସ୍ଥିତ ରହି ଡେଙ୍ଗାପୋଲ ନିକଟରେ ୩୩କେଭି ଲାଇନ୍ କାର୍ଯ୍ୟକ୍ଷମ, ପାରାଦୀପ ଏସ୍ଇ ଅଫିସକୁ କଟକ ବଦଳରେ ପାରାଦୀପ ଠାରେ କାର୍ଯ୍ୟକାରୀ କରିବା, ଡ୍ରେନେଜ୍ ସିଷ୍ଟମ ପରିଷ୍କାର କରିବା , ଭାଙ୍ଗିଯାଇଥିବା ଏଏନ୍ଏମ୍ ସେଣ୍ଟର ମରାମତି ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ , ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଙ୍ଗୁ, ଡିଏଫ୍ ଓ କଟକ, ଡିଏଫ୍ ଓ ରାଜନଗରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ତହସିଲଦାର, ଅଧୀକ୍ଷଣ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗର ଅଧିକାରୀ ଅନିଶା ଦାସ କାର୍ଯ୍ୟସୂଚୀ ଅନୁଯାୟୀ ପିପିଟି ମାଧ୍ୟମରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମାଧାନର ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

୩ ଦିନ ହେଲା ବ୍ରାହ୍ମଣୀରୁ ନିଖୋଜ ଯୁବକଙ୍କ ପତ୍ତା ମିଳୁନି

ତାଳଚେର,୪।୮/ଏନ୍ଏନ୍ଏସ୍: ତାଳଚେର ବ୍ରାହ୍ମଣୀନଦୀରେ ତିନିଦିନ ପୂର୍ବରୁ ତାଳଚେର ବ୍ଲକ କଙ୍କିଳି ପଞ୍ଚାୟତ କାକୁଡ଼ି ଗ୍ରାମର ପଛପାର୍ଶ୍ୱରେ ରହିଥିବା ନଦୀକୁ ୨ଜଣ ଯୁବକ ଗାଧୋଇ ଯାଇଥିଲେ। ଦୁଇଜଣଙ୍କ ମଧ୍ୟରୁ ସ୍ଥାନୀୟ ସିକ୍ୟୁରିଟିଗାର୍ଡ ଓ ଲୋକଙ୍କ ସହାୟତରେ ଜଣେ ଯୁବକକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଅନ୍ୟଜଣଙ୍କୁ ନପାଇବାରୁ ତାଳଚେର ପୁଲିସ୍ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଓଡ୍ରାଫ ଟିମ ବହୁ ଖୋଜାଖୋଜି କରିବାପରେ ମଧ୍ୟ ନିଖୋଜ ଯୁବକକୁ ପାଇନଥିଲେ। ତିନିଦିନ ବିତିଯାଇଥିଲେ ହେଁ ଏଯାଏଁ ନିଖୋଜ ଯୁବକଙ୍କ ପତ୍ତା ମିଳିପାରି ନାହିଁ। ଏସମ୍ପର୍କରେ ଅଗ୍ନିଶମ ବାହିନୀର ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତିକି ନଦୀର ସ୍ରୋତ ଅଧିକ ରହୁଥିବାରୁ ତାଙ୍କୁ ଖୋଜିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ନେଇ ନିଖୋଜ ଥିବା ଯୁବକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ଆଶା ଆଶଙ୍କାରେ ରହିଥିବା ବେଳେ ବାପା, ମାଆ, ଭାଇଭଉଣୀ ଏବେ ଦୁଃଖରେ କାଳତିପାତ କରିବା ସହ ସନ୍ଦେହ ଘେରରେ ରହିଛନ୍ତି।

ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍ ପକ୍ଷରୁ ଅସହାୟଙ୍କୁ ସହାୟତା

ଧର୍ମଶାଳା,୪।୮/ଏନ୍ଏନ୍ଏସ୍: ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଲୋକମାନଙ୍କୁ ସଦାସର୍ବଦା ସହାୟତ ଯୋଗାଇଦିଆଯାଉଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟମାନେ ବିଭିନ୍ନ ସ୍ଥାନକୁ ଯାଇ ଅସହାୟ ଲୋକମାନଙ୍କୁ ସହାୟତା ଯୋଗାଇଦେଉଛନ୍ତି । ଏହିକ୍ରମରେ ପ୍ରଭାରୀ ଚୈତନ୍ୟ ନାୟକଙ୍କ ସୁପାରିଶ କ୍ରମେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶମତେ ଟ୍ରଷ୍ଟ ପକ୍ଷରୁ ଚିକିତ୍ସା ନିମନ୍ତେ ନଠୁଆବର ପଞ୍ଚାୟତ ନଗୁଆଁ ଗ୍ରାମର ଗୌରୀବାଳା ଦାସ,ଝିଅର ବିବାହ ଲାଗି ନଠୁଆବର ଗ୍ରାମର ନିରୁପମା ପରିଡା, ପୁଅର ଚିକିତ୍ସା ନିମନ୍ତେ ନଠୁଆବର ଗ୍ରାମର ସଞ୍ଜୁଲତା ବାରିକ, ପିଲାଙ୍କ ପାଠପଢ଼ା ନିମନ୍ତେ ନଠୁଆବର ପଞ୍ଚାୟତ ଟାକୁଠେଙ୍ଗ ଗ୍ରାମର ଓମପ୍ରକାଶ ପରିଡା, ପୁଅକୁ ନିଶାନିବାରଣ କେନ୍ଦ୍ରରୁ ଆଣିବା ଲାଗି ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମର ବେଣୁଧର ଦାସ, ଚିକିତ୍ସା ନିମନ୍ତେ ଆଦମପୁର ଗ୍ରାମର ତୁଳସୀ ଦାସ ,ଗୋଡ଼ ଭଙ୍ଗା ଚିକିତ୍ସା ନିମନ୍ତେ ନଠୁଆବର ଗ୍ରାମର ଇନ୍ଦ୍ରମଣି ବେଜ, ପୁଅର ଅସ୍ତ୍ରୋପଚାର ନିମନ୍ତେ ନଠୁଆବର ପଞ୍ଚାୟତ ଟାକୁଠେଙ୍ଗ ଗ୍ରାମର ରଶ୍ମି ପଣ୍ଡାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଟ୍ରଷ୍ଟର ସଦସ୍ୟମାନେ ସମ୍ପୃକ୍ତ ଲୋକମାନଙ୍କ ପାଖରେ ପହଞ୍ଚି ଆର୍ଥିକ ସହାୟତା ଦେଇଛନ୍ତି। ୨୦୨୦ ମସିହା କରୋନା ସମୟରୁ ଟ୍ରଷ୍ଟ ପକ୍ଷରୁ ଗରିବ, ଦିନମଜୁରିଆ ଓ ଅସହାୟ, ଦଳିତ ଓ ନିଷ୍ପେଶିତ ଲୋକମାନଙ୍କ ପାଇଁ ଆରମ୍ଭ ହୋଇଥିବା ସହାୟତା ପ୍ରଦାନ ଅଦ୍ୟାବଧି ଜାରିରହିଛି। ଆଗକୁ ଅସହାୟ, ଅବହେଳିତ ଓ ନିଷ୍ପେଶିତ ଲୋକମାନଙ୍କ ପାଇଁ ଏଭଳି ସହାୟତା ଜାରିରହିବ ବୋଲି ଟ୍ରଷ୍ଟର ନିର୍ଦ୍ଦେଶକ ତଥା ଧର୍ମଶାଳା ବିଧାୟକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ

ରାଜକନିକା,୪।୮/ଏନ୍ଏନ୍ଏସ୍: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶରେ ନିଶାମୁକ୍ତ, ସୁସ୍ଥ ଓ ଶ୍ରେଷ୍ଠ ଭରତ ଗଠନ ପାଇଁ ଗତ ୨ ତାରିଖରୁ ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ରାଜକନିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ନିଶାଠାରୁ ନିଜକୁ ଓ ନିଜ ପରିବାରକୁ ଦୂରେଇ ରଖିବା ଜୀବନର ଶୁଦ୍ଧତା ସକାରାତ୍ମକ ଭାବନା ଭିତରେ ସମାଜକୁ ନିଶାମୁକ୍ତ କରିବା ପାଇଁ ସଦଭାବନା ଭବନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଲୀନା ଭଉଣୀ ସମସ୍ତଙ୍କୁ ଶପଥ ପାଠ କରାଇଛନ୍ତି। ଚେରଙ୍କପଡା ସ୍ଥିତ ସଦଭାବନା ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାଘବୁଦା ଉର୍ଣ୍ଣତ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ଦାସ, ପ୍ରାକ୍ତନ ସିଆର୍ପିସି ଖଗେଶ୍ୱର ପଢ଼ିହାରୀ, ପ୍ରମୋଦ ବାରିକ, ବେଦାନ୍ତ ଅଧିକାରୀ ନିରଞ୍ଜନ ପଲାଇ ପ୍ରମୁଖ ଯୋଗଦେଇ ନିଶାଠାରୁ ଦୂରେଇ ରହିବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଶା ନିବାରଣ ଉପରେ ଏକ ନାଟକ ପରିବେଷଣ ହେବା ସହିତ ନିଶା ନିବାରଣର ଶପଥ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଲିଭା ଭଉଣୀ, ଲିଜା ଭଉଣୀ, ସ୍ୱପ୍ନା ଭଉଣୀ, ନିଲୁ ଭଉଣୀ,ବଟ ଭାଇ, ନୀଳ ଭାଇ, ଅର୍ଜୁନ ଭାଇ, ଚିତ୍ତ ଭାଇ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭଉଣୀ ଲୀନା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

କୋଇଲା ପରିବହନ ସମସ୍ୟା ଓ ୫ ଗ୍ରାମବାସୀଙ୍କ ମାମଲା ପ୍ରତ୍ୟାହାର ଦାବି

ଅନୁଗୋଳ,୪।୮/ଏନ୍ଏନ୍ଏସ୍: ଗାଁ ରାସ୍ତା ଦେଇ କମ୍ପାନୀଗୁଡ଼ିକ କୋଇଲା ପରିବହନ କରିବା ଯୋଗୁଁ ଘୋର ଜନ ସମସ୍ୟା ସୃଷ୍ଟି ହେଉଛି। ଆଉ ଏନେଇ କୋଶଳା ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଆଉ ଏହି ଘଟଣାରେ

ସମସ୍ୟାର ସମାଧାନ ନହେଲେ ଅନୁଗୋଳ ବନ୍ଦ କରିବାକୁ କଂଗ୍ରେସର ଚେତାବନୀ

୫ ଜଣ ଗ୍ରାମବାସୀଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଛି। ତେଣୁ ଆଜି ଅନୁଗୋଳ ଜିଲ୍ଲା କଂଗ୍ରେସ କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନ ସମସ୍ୟାର ସମାଧାନ ଏବଂ ଆଇନଗତ ପ୍ରକ୍ରିୟାରେ ଥିବା କୋଶଳା ପଞ୍ଚାୟତର ୫ ଜଣଙ୍କ ମାମଲା ଶୀଘ୍ର ପ୍ରତ୍ୟାହାର ନେଇ କଂଗ୍ରେସ ଆଜି ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛି। ଯଦି ଏହାର ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ଅନୁଗୋଳ ବନ୍ଦ ଡାକରା ଦିଆଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପ୍ରତିଦିନ ସନ୍ଧ୍ୟା ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ କୋଇଲା ବୋଝେଇ ଟ୍ରକ ଛେଣ୍ଡିପଦା, କୋଶଳା, ଜରାଙ୍ଗିହା, ଅନୁଗୋଳ ମ୍ୟୁନିସିପାଲିଟି,ତୁରଙ୍ଗ,ବଅଁରପାଳ ଅଞ୍ଚଳ ଦେଇ ନାଲକୋ ଓ ଅନ୍ୟାନ୍ୟ କମ୍ପାନୀକୁ ଯାତାୟାତ କରୁଛି। ଏହା ଫଳରେ ଅଞ୍ଚଳବାସୀ ଧୂଳି ପ୍ରଦୂଷଣ,ଶବ୍ଦ ପ୍ରଦୂଷଣ,ସଡ଼କ ଦୁର୍ଘଟଣା,ଯାତାୟାତ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଜରିଆରେ ସରକାରଙ୍କୁ ଜଣାଇ ଦେଉଛୁ କି କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନସମସ୍ୟାର ତୁରନ୍ତ ସମୀକ୍ଷା କରି ଉପଯୁକ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉ। ସମ୍ପୃକ୍ତ ବିଭାଗମାନଙ୍କ ସହ ଆଲୋଚନା କରି ଧୂଳି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉ। ଆଇନ ଅନୁଯାୟୀ ମାମଲାର ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ସହିତ ମିଥ୍ୟା ମାମଲାର ଶୀଘ୍ର ପ୍ରତ୍ୟାହାର କରାଯାଉ। ଯଦି ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହୁଏ,ତେବେ ଆସନ୍ତା ୧୨ ତାରିଖରେ ୧୨ ଘଣ୍ଟିଆ(ସକାଳ ୬ ଘଟିକାରୁ ସନ୍ଧ୍ୟା ୬ଘଟିକା)ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦେବା ପାଇଁ ଜିଲ୍ଲା କଂଗ୍ରେସ ବାଧ ହେବ। ବନ୍ଦ ପାଇଁ ସୃଷ୍ଟି ହେବାକୁ ଥିବା ଯେକୌଣସି ପରିସ୍ଥିତି ଲାଗି ସଂପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଏବଂ ସରକାର ଦାୟି ରହିବେ।

ଅତଲାପୁର ପଞ୍ଚାୟତରେ ଆଇନ୍ ସଚେତନତା ସଭା

ଯାଜପୁର,୪।୮/ଏନ୍ଏନ୍ଏସ୍: ଗତ ଜୁଲାଇ ୨୬ ତାରିଖରେ ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ଗ୍ରାମପଞ୍ଚାୟତ ସଭାଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚୀବ ଲିପା ମହାନ୍ତି ଅଧକ୍ଷତାକରି ପ୍ରାଧିକରଣର କାର୍ଯ୍ୟ ପରିସର, କେଉଁମାନେ ଏହାର ଉପଭୋକ୍ତା ତାହା ପ୍ରକାଶ କରିବା ସହିତ ସଭାର ସୂଚନା ଦେଇଥିଲେ। ଏଥିରେ ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ଦାଶ, ଯାଜପୁର ରୋଡରେ ଅବସ୍ଥାପିତ ଡିଏସ୍ପି ଶରତ କୁମାର ପାତ୍ର , ଆରକ୍ଷୀ ନିରୀକ୍ଷକ କୁଆଖୁଆ ସୁଶାନ୍ତ କୁମାର ସେଠୀ ଓ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇ ନାଲସାର ସଚେତନତା କାର୍ଯ୍ୟକ୍ରମ ଯଥା ଯେଉଁମାନେ କଷ୍ଟରେ ଅଛନ୍ତି ଲୁଚି ଯାଉଛନ୍ତି କାହାକୁ କହିପାରୁ, ନାହାଁନ୍ତି ସେମାନଙ୍କ ପାଖରେ ସରକାରୀ ଜନମଙ୍ଗଳ ଯୋଜନା ଓ ଆଇନ୍ ସେବା କିପରି ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରିବା ସହ ମହମ୍ମଦ ଅହମଦ ଖାନ୍ ବନାମ୍ ଶାହାବାନୋ ବେଗମ୍ ଅପିଲ୍ ମାମଲା ୧୦୩ର ପରିଣତ ଓ ବର୍ତ୍ତମାନ ମୁସଲିମ୍ ମହିଳା ଆବଶ୍ୟକ ସ୍ଥଳେ କିପରି ଭରଣ ପୋଷଣ ହକ୍, ମାଗଣା ଆଇନ୍ ସେବା ପାଇପାରିବେ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ସରପଞ୍ଚ ଅନେସା କସର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

ଜିଲ୍ଲା ସଂସ୍କୃତି ପରିଷଦର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ

ଯାଜପୁର,୪।୮/ଏନ୍ଏନ୍ଏସ୍: ଆଗାମୀ ତିନି ବର୍ଷ ପାଇଁ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର (ଡିସିସି) ଅଣ-ସରକାରୀ ସଦସ୍ୟ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ଯୋଗ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହା କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଅତ୍ୟନ୍ତ ସମ୍ମାନଜନକ ପଦବୀ ଭାବେ ବିବେଚିତ। ଜିଲ୍ଲା ସଂସ୍କୃତି ପରିଷଦ ନିୟମ, ୧୯୯୪ ର ପ୍ରାବଧାନ ଅନୁଯାୟୀ, ଜାତୀୟ ଅଥବା ରାଜ୍ୟ ପୁରସ୍କାର ଲାଭ କରିଥିବା ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିପାରିବେ। ଏହାବ୍

ନିତି ଭାରତୀ

ସମୁଦ୍ର କୂଳରେ ଠିଆହୋଇ କେବଳ ତା'ର ଜଳରାଶିକୁ ଚାହିଁ ରହିଲେ ତୁମେ ସମୁଦ୍ର ପାର ହୋଇ ପାରିବ ନାହିଁ।
- ରବୀନ୍ଦ୍ର ନାଥ ଠାକୁର

ନିତିଦିନ NITIDIN
ବୁଧବାର, ୫ ଅଗଷ୍ଟ ୨୦୨୬

ଆମେ ସଭିଏଁ ଦାୟୀ

ବିଜୟ କୁମାର ଦେ

ସାମାଜିକ ଜନ ଜୀବନ ଯେ ଆଜି ବିଷମୟ ହେଲାଣି, ଏକଥା କେହି ଅସ୍ୱୀକାର କରିବେ ନାହିଁ। ଶୁଣିଥିଲୁ ନ'ଅଙ୍କ ଦୁର୍ଭିକ୍ଷ କଥା। ଚାରିଆଡ଼େ ଖେଳି ଯାଇଥିଲା ଦାରିଦ୍ର୍ୟ ଓ ଭୋକର ହାହାକାର। ଅନ୍ନ ଚିନ୍ତାରେ ଭାଙ୍ଗି ପଡ଼ିଥିଲେ ବୁଭୁକ୍ଷୁ ମଣିଷମାନେ। ଖାଦ୍ୟ ଚିନ୍ତା ଛଡ଼ା ଅନ୍ୟ କିଛି ସମସ୍ୟା ସେମାନଙ୍କର ନଥିଲା। ବନ୍ୟା ବିପତ୍ତି ସମୟରେ ଖାଦ୍ୟାଭାବ ସାଙ୍ଗକୁ ବାସଗୃହ ହରାଇଥିବା ଦୁଃଖ କଥା ବି ଜାଣିଛୁ। ମାତ୍ର ଆଜିର ସମସ୍ୟା ଅସୁମାରୀ। ମୌଳିକ ଆବଶ୍ୟକତା- ଖାଦ୍ୟ, ବସ୍ତ୍ର ଓ ବାସଗୃହ ଚିନ୍ତା ଆଜି ନାହିଁ, ଏକଥା ସତ। ମାତ୍ର ସାମାଜିକ ଜୀବନ ଭିତରକୁ ଧସେଇ ପଶୁଛି ଅନେକ ସମସ୍ୟା, ବିଷାଦଗ୍ରସ୍ତ କରୁଛି ଧନୀ ଗରିବ ସମସ୍ତଙ୍କୁ। ଶିକ୍ଷା, ବିବାହ, ରାଜନୀତି, ଧର୍ମ, ସାହିତ୍ୟ, କଳା ଓ ସଂସ୍କୃତି- ସବୁ ପର୍ଯ୍ୟାୟରେ ଏହି ସମସ୍ୟା ଏଭଳି ଉଗ୍ର ରୂପ ନେଲାଣି ଯେ ସାଧାରଣ ଜୀବନଯାପନ ଦୁର୍ବିସହ ହୋଇ ପଡୁଛି। ସମସ୍ତେ ଏହି ବିଷମୟ ପରିସ୍ଥିତିର ନକାରାତ୍ମକ ପରିଣତି ଉପରେ କୁହାକୁହି ହେଉଛନ୍ତି, ଆରୋପ ପ୍ରତ୍ୟାରୋପ କରୁଛନ୍ତି। ଏ ପରିସ୍ଥିତି ପାଇଁ କିଏ ସରକାରଙ୍କୁ ଦାୟୀ କରୁଛି ତ କିଏ ସାମାଜିକ ବ୍ୟବସ୍ଥାକୁ ଦାୟୀ କରୁଛି। କିନ୍ତୁ କେହି କେବେ ନିଜ ଦୋଷ ଦେଖୁନି କିମ୍ବା ପରୋକ୍ଷ ଭାବରେ ନିଜେ କିଛି ମାତ୍ରାରେ ଦାୟୀ ବୋଲି ହୃଦ୍‌ବୋଧ କରି ପାରୁନି। ଅନେକ ଜଟିଳ ପରିସ୍ଥିତିର ମୁକାବିଲା ହୋଇ ନ ପାରିବା ପଛରେ ଆମେ ବ୍ୟକ୍ତିବିଶେଷ ଯେ ଦାୟୀ, ଏକଥା କ'ଣ ଆମେ ବୁଝି ପାରୁଛୁ? ସୁସ୍ଥ ପରିସ୍ଥିତି ସୃଷ୍ଟି କରିବା ଦାୟିତ୍ୱ ନା ସରକାରଙ୍କର, ନା ସାମାଜିକ ବ୍ୟବସ୍ଥାର। ଦାୟିତ୍ୱ ଅନେକ ମାତ୍ରାରେ ଆମ ସମସ୍ତଙ୍କର।

ଏହି ମର୍ମରେ କାହାଣୀଟିଏ। ଆମେରିକାର ଜଣେ ୧୫ ବର୍ଷର ବାଳକ ଦୋକାନରୁ ଚୋରି କରୁଥିବା ବେଳେ ଧରା ପଡ଼ିଥିଲା। ଦୋକାନୀ କ୍ରୋଧାନ୍ୱିତ ହୋଇ ପିଲାଟିକୁ ପୁଲିସକୁ ହସ୍ତାନ୍ତରିତ କଲା। କୋର୍ଟ ଚାଲାଣ ହେଲା ପିଲାଟି। ବିଚାରକ ପିଲାଟିର ଅପରାଧ କାହାଣୀ ଶୁଣି ସାରିବା ପରେ ପିଲାଟିକୁ ପଚାରିଲେ, 'ତୁମେ କ'ଣ ସତରେ ଚୋରି କରିଥିଲ? ଏକ ପ୍ୟାକେଟ୍ ରୁଟି।' ଶୀର୍ଣ୍ଣ ପୋଷାକରେ ଥିବା ବାଳକଟି ତଳକୁ ମୁହଁ ପୋତି କ୍ଷୀଣ କଣ୍ଠରେ ଉତ୍ତର ଦେଲା- ହଁ। ବିଚାରକ ପୁଣି ପଚାରିଲେ, 'କାହିଁକି ଚୋରି କରୁଥିଲ? ତୁମକୁ ଖରାପ ଲାଗିଲାନି। ଜାଣିଛ, ଏହା ଏକ ବିରାଟ ଅପରାଧ। ତୁମକୁ ଦଣ୍ଡବିଧାନ ହେବ।' ପିଲାଟି କଅଁଳ କଣ୍ଠରେ କହିଲା, 'କ'ଣ କରିଥାନ୍ତି ସାର୍? ମୋ ପରିବାରରେ କେବଳ ମୋ ମାଆ ଅଛନ୍ତି। ଭୀଷଣ ଅସୁସ୍ଥ। ମୁଁ ଗୋଟିଏ ଗ୍ୟାରେଜ୍‌ରେ ଗାଡ଼ି ଧୋଇବା କାମ କରେ। ମାଆର ଅସୁସ୍ଥତା ବଢ଼ିଯିବାରୁ ମୁଁ ଗୋଟିଏ ଦିନ ଗ୍ୟାରେଜ୍ ଯାଇ ପାରି ନଥିଲି। ତେଣୁ ତା' ପରଦିନ ଗ୍ୟାରେଜ୍ ମାଲିକ ମୋତେ ଚାକିରିରୁ ଛୁଟି କରିଦେଲେ। କାମ ଖଣ୍ଡିଏ ପାଇଁ ବହୁତ ଜଣକୁ ନେହୁରା ହେଲି। ଫଳ ମିଳିଲାନି। ଅସୁସ୍ଥ ମାଆକୁ କ'ଣ ଟିକିଏ ଖାଇବାକୁ ଦେଲା ପରେ ଔଷଧ ସେବନ କରାଇବାର ଥିଲା। ଘରେ ଦାନାଟିଏ ବି ନଥିଲା। ଉପାୟ ନପାଇ ଦୋକାନରୁ ରୁଟି ପ୍ୟାକେଟ୍‌ଟି ଚୋରି କଲି। ମୁଁ ଜାଣିଛି, ମୁଁ ଅପରାଧ କଲି। ମୋତେ ଜେଲ୍ ଦଣ୍ଡ ବି ହୋଇପାରେ। ତେବେ ମୋ ପାଇଁ ଦୁଃଖ ନାହିଁ, ମୁଁ ଜେଲ୍ ଗଲା ପରେ ମାଆର ଅବସ୍ଥା କଥା ହିଁ ଭାବୁଛି।' ପିଲାଟିର ବୟାନ ଶୁଣି ସାରିଲା ପରେ ବିଚାରକ ରାୟ ଘୋଷଣା କରିବାକୁ ଯାଇ କହିଲେ, 'ଚୋରି! ସେ ପୁଣି ରୁଟି ଚୋରି! ନିହାତି ଏକ ଲଜ୍ଜାଜନକ ଅପରାଧ। ତେବେ

ବାଳକଟିର ଏହି ଅପରାଧ ପାଇଁ ଆମେ ସମସ୍ତେ ଦାୟୀ। ଏହି ଅଦାଲତରେ ଉପସ୍ଥିତ ସମସ୍ତେ, ଏପରିକି ମୁଁ ନିଜେ ମଧ୍ୟ ଏହି ଅପରାଧ ସହିତ ସଂଯୁକ୍ତ। ତେଣୁ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୦ ଡଲାର ଲେଖାଏଁ ଜୋରିମାନା କରାଗଲା। ଜୋରିମାନା ପରିମାଣ ପୈଠ ନକରି କେହି ଅଦାଲତ ବାହାରକୁ ଯାଇ ପାରିବେ ନାହିଁ।' ସମସ୍ତେ ନିର୍ବାକ୍। ଭାବିଲେ, ଏଥିରେ ଆମର ଅବା ଦୋଷ କ'ଣ? ଆମେ କାହିଁକି ଦଣ୍ଡ ପାଇବୁ? ବିଚାରକ ମହାଶୟ ନିଜ ପକେଟ୍‌ରୁ ୧୦ ଡଲାର କାଢ଼ି ରଖିବା ପରେ ଲେଖିବାକୁ ଆରମ୍ଭ କଲେ- 'ଏହା ବ୍ୟତୀତ ଯେଉଁ ଦୋକାନୀ ପିଲାଟିକୁ ପୁଲିସ ହାତରେ ଟେକି ଦେଇଛନ୍ତି, ସେହି ଦୋକାନୀକୁ ମୁଁ ଏକ ହଜାର ଡଲାର ଜୋରିମାନା ଦେବା ପାଇଁ ଆଦେଶ କରୁଛି। ଜୋରିମାନା ଅର୍ଥ ଯଦି ଆଗାମୀ ୨୪ ଘଣ୍ଟା ମଧ୍ୟରେ ପୈଠ ନହୁଏ, ଅଦାଲତ ସେହି ଦୋକାନକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଜୋରିମାନାରୁ ଆଦାୟ ସମସ୍ତ ଟଙ୍କା ଏହି ବାଳକ ହାତରେ ତୋଳି ଦେଇ ଅଦାଲତ ତା'ପାଖରେ କ୍ଷମା ପ୍ରାର୍ଥନା କରିବ।' ବିଚାରଟି ଅସ୍ୱାଭାବିକ ଓ ଅସାଧାରଣ ଲାଗିପାରେ, ମାତ୍ର ବିଚାରକ ମହାଶୟଙ୍କ ସମ୍ବେଦନଶୀଳତା ପ୍ରଶଂସନୀୟ। ସବୁଠୁ ବଡ଼କଥା ହେଲା, ବିଚାରକ ମହାଶୟଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଓ ତାଙ୍କର ଉନ୍ନତ ଚିନ୍ତା ଓ ଚେତନା। ପାରମ୍ପରିକ ବିଚାରଧାରାରୁ ଓହରି ଯାଇ ବିଚାରକ ମହାଶୟ ପିଲାଟିକୁ ଦଣ୍ଡ ନଦେଇ ଦୋଷମୁକ୍ତ କରି ତା'ର ଅପରାଧର ଦାୟୀଦାର ଆମେ ସଭିଏଁ ବୋଲି ରାୟ ଶୁଣାଇବା ସମାଜ ଗଠନର ଏକ ଭିନ୍ନ ଓ ବିରଳ ଦୃଷ୍ଟିଭଙ୍ଗୀର ଉଦାହରଣ।

ସେହି ବିଚାରକଙ୍କ ପରି ସମାଜର ସମସ୍ତ ବ୍ୟକ୍ତି ଯଦି ସାମାଜିକ ଅପରାଧ ଓ ବିଶୃଙ୍ଖଳା ପାଇଁ ନିଜକୁ ଦାୟୀ ବୋଲି ଭାବି ପାରନ୍ତେ, ତା'ହେଲେ ଜନଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସି ପାରନ୍ତା। ଆମେ ଅନ୍ୟ ଉପରେ ଦୋଷ ଲଦି ଦେଇ ନିଜକୁ ନିରାପଦରେ ରଖିବାକୁ ଇଚ୍ଛା କରୁ। ଶିକ୍ଷା ଅନୁଷ୍ଠାନମାନଙ୍କରେ, ମୁଖ୍ୟତଃ ମହାବିଦ୍ୟାଳୟମାନଙ୍କରେ ଛାତ୍ର ଉପସ୍ଥାନ ଏକ ଚିନ୍ତାର ବିଷୟ। ଶ୍ରେଣୀ ଶିକ୍ଷାଦାନ ପ୍ରତି ଛାତ୍ରଛାତ୍ରୀମାନଙ୍କର ତୀବ୍ର ବୀତସ୍ପୃହତା। ମହାବିଦ୍ୟାଳୟମାନଙ୍କରେ ନିୟମିତ ଶିକ୍ଷାଦାନ ପାଇଁ ପ୍ରସ୍ତୁତ ହୋଇଥିବା ସମୟ ସାରଣୀରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ କ୍ଲାସ୍ ଥିବାର ଦେଖିବାକୁ ମିଳେ। ମାତ୍ର ପରିତାପର କଥା, ଅପରାହ୍ନ ୨ଟା ବେଳକୁ କଲେଜ ପରିସର ଜନଶୂନ୍ୟ ହୋଇଯାଏ। ପୁଣି ୨ଟା ପର୍ଯ୍ୟନ୍ତ ଯେଉଁ କ୍ଲାସ୍ ବି ହୁଏ, ସେଥିରେ ଛାତ୍ର ଉପସ୍ଥାନ ଅତି ନୈରାଶ୍ୟଜନକ। ଏହାର କାରଣ ସନ୍ଧାନ କରିବାକୁ ଯାଇ କେହି କେହି ଶିକ୍ଷକମାନଙ୍କୁ ଓ ପ୍ରଣୀତ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରନ୍ତି। ମାତ୍ର ଏଥି ପାଇଁ କ'ଣ ଅଭିଭାବକମାନେ କେତେକାଂଶରେ ଦାୟୀ ନୁହନ୍ତି କି? ହାତରେ ସ୍ମାର୍ଟଫୋନ୍ ଖଣ୍ଡେ ଖଣ୍ଡେ ଧରି ମହାବିଦ୍ୟାଳୟକୁ ବାହାରି ଆସୁଥିବା ଛାତ୍ରଛାତ୍ରୀମାନେ ଶ୍ରେଣୀ ଶିକ୍ଷା ଦାନରେ ଯୋଗଦାନ କଲେ କି ନାହିଁ, ସେ ବିଷୟ ଉପରେ ଅଭିଭାବକମାନେ ଧ୍ୟାନ ରଖନ୍ତି ନାହିଁ। ତେଣୁ ଶୃଙ୍ଖଳାର ଚାପ ଅଭାବରୁ ଛାତ୍ରଛାତ୍ରୀମାନେ ଶ୍ରେଣୀରେ ଯୋଗଦାନ ନକରି ଅନର୍ଥକର କାର୍ଯ୍ୟରେ ସମୟ ବିତାଇଥାନ୍ତି। ଏହା ଛଡ଼ା ପ୍ରତ୍ୟେକ ଶିକ୍ଷକ ବି ନିଜକୁ ପ୍ରଶ୍ନ କରିବା ଉଚିତ୍- 'ମୋ ଶିକ୍ଷାଦାନ ପଦ୍ଧତି ଛାତ୍ରଛାତ୍ରୀମାନଙ୍କ ପ୍ରତି ରୁଚିକର ହେଉନାହିଁ କି? ମୋ ଶ୍ରେଣୀ ଶିକ୍ଷାଦାନ ସେମାନଙ୍କ ପାଇଁ ଉପାଦେୟ ହୁହେଁ କି? ମୋର କିଛି ତ୍ରୁଟି ରହୁଛି କି?' ଛାତ୍ରଛାତ୍ରୀମାନଙ୍କର ମନସ୍ତତ୍ତ୍ୱ ବୁଝି ଆବଶ୍ୟକ ହେଲେ ଶିକ୍ଷକ ଜଣକ ପାଠଦାନର ଶୈଳୀ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ଏହି ଲେଖକ ଜଣେ ମହାବିଦ୍ୟାଳୟର ଶିକ୍ଷକ ଥିଲେ ଓ ନିଜର ଅନୁଭୂତି ତଥା ଶିକ୍ଷାର୍ଥୀମାନଙ୍କର ମନସ୍ତତ୍ତ୍ୱକୁ ଅନୁଧ୍ୟାନ କରି କହିବାକୁ ଚାହୁଁଛନ୍ତି ଯେ ଶ୍ରେଣୀରେ କ୍ଷୀଣ ଛାତ୍ର ଉପସ୍ଥାନ ପାଇଁ ଆମେ ଶିକ୍ଷକକୁଳ କେବଳ ଦାୟୀ ନୋହୁଁ, ସମପରିମାଣରେ ଅଭିଭାବକମାନେ ମଧ୍ୟ ଦାୟୀ। କେବଳ ଶିକ୍ଷା ନୁହେଁ, ଏମିତି ସବୁ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ପାଇଁ ପ୍ରତ୍ୟକ୍ଷରେ କିମ୍ବା ପରୋକ୍ଷରେ ଆମେ ସଭିଏଁ ଦାୟୀ।

ରାଜନୀତି ପରିବାରରେ ଘଟୁଥିବା ଅଭାବନୀୟ କାଣ୍ଡ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ତୀବ୍ର ଅବକ୍ଷୟ କଥା ଘଣ୍ଟା ଘଣ୍ଟା ଆଲୋଚନା ହୁଏ। ଶାଣିତ ଶବ୍ଦରେ ପୃଷ୍ଠା ପୃଷ୍ଠା ସମାଲୋଚନାର ଅଭିମନ୍ତବ୍ୟ ପଢ଼ିବାକୁ ବି ମିଳେ। ତେବେ କେହି କେବେ ଏତାଦୃଶ କାଣ୍ଡ ଓ ଅବକ୍ଷୟ ପାଇଁ ନିଜେ ଦାୟୀ ବୋଲି କହୁ ନାହାନ୍ତି। ସାଧାରଣ ଭାବେ ବୁଝିବା ଦରକାର ଯେ ରାଜନେତା ଚୟନ ଆମେ ହିଁ କରିଛୁ। ସେମାନଙ୍କର ଭୁଲ୍ ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ ନକରି ଚାଟୁକାର ସାଜି ବରଂ ଉଚ୍ଚ ପ୍ରଶଂସା କରୁଛୁ। ଏଣୁ ସମସ୍ୟାର ସ୍ରଷ୍ଟା ହିଁ ଆମେ ଓ ଆମକୁ ହିଁ ତା'ର ଯନ୍ତ୍ରଣା ଭୋଗ କରିବାକୁ ପଡୁଛି। ତେବେ ଆଜି ସମୟର ଆହ୍ୱାନ ଆସିଛି, ଆମକୁ ହିଁ ଏକ ସମସ୍ୟାମୁକ୍ତ ସମାଜ ଗଠନ କରିବାକୁ ପଡ଼ିବ। ନିଜକୁ ସମୀକ୍ଷା କରି, ନିଜର ଦାୟିତ୍ୱ ପ୍ରତି ସଚେତନ ରହି ସମବେତ ଭାବରେ ସମସ୍ୟାର ମୁକାବିଲା କରି ପାରିଲେ ସାମାଜିକ ଜନଜୀବନରେ ଅନେକ ସୁଧାର ଆସି ପାରିବ ବୋଲି ଏହି ଲେଖକର ବିଶ୍ୱାସ।

ଅବସରପ୍ରାପ୍ତ ଇଂରାଜୀ ବିଭାଗ ମୁଖ୍ୟ
ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର
ମୋ: ୯୯୩୭୮୬୧୭୭୪
deybijay434@gmail.com

ସମ୍ବଲପୁର ଅସ୍ମିତା ମଡେଲ ୨୦୩୬

ସୀତାଂଶୁ ତ୍ରିପାଠୀ

୨୦୩୬ ସୁଦ୍ଧା ସମ୍ବଲପୁର ମଡେଲ କ'ଣ ହେବା କଥା, ତାହା ଉପରେ ଆଲୋକପାତ କରିବାର ବେଳ ଆସି ଯାଇଛି। ସମ୍ବଲପୁର ସହରରୁ ଯେଉଁ ଆଡ଼କୁ ଯିବେ, ଛଅ କିମ୍ବା ଚାରିଆଳିଆ ରାସ୍ତା କଟକ, ଦେବଗଡ଼, ରାଉରକେଲା, ବରଗଡ଼ ପୁରୁଣା, ରାଞ୍ଚି ରୋଡ୍, ସୁବର୍ଣ୍ଣପୁର ଓ ସମ୍ବଲପୁର-ଝାରସୁଗୁଡ଼ା ନୂତନ ବିକଳ୍ପ ଜାତୀୟ ରାଜପଥ। ସମ୍ବଲପୁରରୁ ସବୁଆଡ଼େ ଏପରି ଯୋଗାଯୋଗ ଏକ ଯୁଗାନ୍ତକାରୀ ସଂଯୋଗ।

ଦ୍ୱିତୀୟତଃ, ଶିକ୍ଷାର ଅପାର ସୁଯୋଗ ବୁର୍ଲା କୁହେ ବିଦ୍ୟାନଗରୀ, ଯେଉଁଠି ସମସ୍ତ ଶିକ୍ଷାନୁଷ୍ଠାନର ସମାହାର ଭିସୁଟ, ଭୀମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ, କୃଷି ବିଶ୍ୱବିଦ୍ୟାଳୟ, ଜିଏମ୍-୨, ଆଇଆଇଏମ୍ ନର୍ସି ମୋରଜି ମ୍ୟାନେଜମେଣ୍ଟ କଲେଜ, ଶିକ୍ଷାର ମନ୍ଦିର ସବୁ ଗୋଟିଏ ସ୍ଥାନରେ ମହଜୁଦ କୌଣସି ସ୍ଥାନରେ ଦେଖାଯାଏ ନାହିଁ। ଏହା ଏକ ବିରଳ ସମାହାର। ଏ ଅଞ୍ଚଳ ବିଦ୍ୟାର ହବ୍ ପାଲଟି ଯାଇଛି। ବିଦ୍ୟା ଭିତ୍ତିଭୂମିର ସୁନ୍ଦର ନଜିର, ଯାହା କୌଣସି ବିଦେଶୀ ମାଟିରେ ମଧ୍ୟ ଦେଖାଯାଏ ନାହିଁ। ମା' ସମଲେଶ୍ୱରୀ ମାଟିରେ ଶିକ୍ଷାର ମହକକୁ ଦ୍ୱିଗୁଣିତ କରିଦିଏ। ଯଦି ଏମ୍‌ସ୍‌ର ଏକ ଶାଖା ହୋଇଯାଏ, ତେବେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯିବ। ଶିକ୍ଷା ମୂଳରେ ଜଗତ- ଏହା ଏଠାରେ ପ୍ରତିପାଦିତ ହୁଏ। ଆଗାମୀ ଦିନରେ ସମସ୍ତଙ୍କୁ ରାହା ଦେଖେଇବ ଏହି ଅଞ୍ଚଳ। ସର୍ଚ୍ଚ୍ କମିଟି ଆଗକୁ ଅନେକ ଦିଗ୍‌ଦର୍ଶନ ଦେବ। ସମ୍ବଲପୁର ଏକାଡେମିକ୍ କ୍ଲଷ୍ଟରରେ ପରିଣତ ହେବ। ସମ୍ବଲପୁର ଏକ୍ୟୁକେସନାଲ ଆଣ୍ଡ୍ ରିସର୍ଚ୍ଚ କ୍ଲଷ୍ଟର୍ ହାର୍ବର୍ ଏକ ଦୀର୍ଘମିଆଦି ଯୋଜନା, ଯାହାକି ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହେବ। ଏହା ହେବାଦ୍ୱାରା ଭାରତର ଏକ ନମ୍ବର ଶିକ୍ଷା ହବ୍‌ରେ ପରିଣତ ହେବ। ଆଗାମୀ ପିଢ଼ିର ଛାତ୍ର ସମାଜ ବହୁଳ ଭାବରେ ଉପକୃତ ହେବେ। ୨୦୩୬ ସୁଦ୍ଧା ଏହା ମଡେଲ ହୋଇ ସାରିଥିବ।

ସମ୍ବଲପୁର ସହରକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚାଉରପୁର-ଅଶୋକ ନିବାସ ରିଙ୍ଗ୍‌ରୋଡ୍, ନେକ୍‌ଲେସ୍ ରୋଡ୍ ବେଜାମୁଣ୍ଡାରୁ ଶାସନ ସହର ବାହାରେ ବାହାରେ ଏକ ଚାରିଆଳିଆ ରୋଡ୍, ଅଇଁଠାପାଲି ଏଲିଭେଟର ଫ୍ଲାଏଓଭର, ନେଲସନ୍ ମାଣ୍ଡେଲା ଛକରୁ ସୋନପୁର ରୋଡ୍ ସଂଯୋଗୀକରଣ ନୂତନ ବସ ଟର୍ମିନସ୍ (ଆଇଏସ୍‌ବିଟି) ଅଇଁଠାପାଲିରେ ଅତିରିକ୍ତ ୫ ଏକର ଜାଗାରେ ସେହିପରି ପୁରୁଣା ବସଷ୍ଟାଣ୍ଡ ଓ ମୁଦିପଡ଼ା ଗ୍ୟାରେଜର ଉନ୍ନତିକରଣ, ତା' ସାଙ୍ଗକୁ ବହୁତଳ ଗାଡ଼ି ପାର୍କିଂ ବ୍ୟବସ୍ଥା ପୁରୁଣା ଫାୟାର ଷ୍ଟେସନ୍ ପାଖରେ ଏକ ସୁଚିନ୍ତିତ ପ୍ରୟାସ। ରିଭର ଫ୍ରଣ୍ଟ ପାଇଁ ମହାନଦୀ ନୂତନ ଯୋଜନା ସାଙ୍ଗକୁ ଅଯୋଧ୍ୟା ସରୋବର ପୁନଃନିର୍ମାଣ ସାଙ୍ଗକୁ ସମଲେଇ ଘାଟରେ ସମଲେଇ ମହାନଦୀ ଆରତି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ।

ଆଗାମୀ ଦିନରେ ସମ୍ବଲପୁରର ଗୋଲବଜାର ମାର୍କେଟର ନବୀକରଣ, ନୀଳଡୁଙ୍ଗରିରେ ଟର୍ମିନାଲ ହୋଲସେଲ ମାର୍କେଟ ଓ ସେହିଠାରେ ଏକ ନୂତନ ଚିଡ଼ିଆଖାନାର ପ୍ରସ୍ତାବ ବିଚାରାଧୀନ ରହିଛି। କାଇଶିରଠାରେ ଡପ୍‌ଲର୍ ରାଡାର ପାଣିପାଗ କେନ୍ଦ୍ର, ଯାହାକି ବନ୍ୟା, ବାତ୍ୟା, ବର୍ଷା, ଭୂକମ୍ପର ପୂର୍ବାନୁମାନ ସାଙ୍ଗକୁ କୃଷକମାନଙ୍କ ପାଇଁ ସୂଚନା ପ୍ରଦାନ କରି ଧନ ଜୀବନ ଓ ଫସଲ ରକ୍ଷା ପାଇଁ ସହାୟକ ହେବ। ସେହିପରି ବୁର୍ଲା ଛକରେ ପ୍ରସ୍ତାବିତ ଇଡ୍‌କୋ ଟାୱାର ବହୁ ଅଫିସ, ସଫ୍ଟୱେର ସଂସ୍ଥାକୁ ସ୍ଥାନ ଦେଇ ଏକ ସୁଖମୟ ଅଫିସ ପ୍ରଦାନ କରିବ, ଯଦ୍ୱାରା ଗୋଟେ ଜାଗାରେ ସମସ୍ତ ସୁବିଧା ମିଳିବ। ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ବଲପୁର ପାଇଁ ବର୍ଷା ଜଳ ବିପ୍ଳାତ ଏକ ମୁଖ୍ୟ ସମସ୍ୟା। ଷ୍ଟର୍ମ ୱାଟର ମ୍ୟାନେଜମେଣ୍ଟ ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ବୁଢ଼ାରଜା ପାହାଡ଼ରୁ ନିର୍ଗତ ବର୍ଷାଜଳ ଓ ଟାଙ୍ଗନାନାଲାର ବର୍ଷା ଜଳ ପାଇଁ ସୁଚିନ୍ତିତ ନୀତି କରିବାର ଆବଶ୍ୟକତା ଜରୁରୀ। ଯଦି ଏବେଠୁ ଚିନ୍ତା କରା ନଯାଏ, ତା'ହେଲେ ଭବିଷ୍ୟତରେ ସମ୍ବଲପୁର ଭାସିଯିବାର ସମ୍ଭାବନା ଅଧିକ

ରହୁଛି। ତାକୁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସମାଧାନ କରାଯାଇପାରେ। କୌଣସି ଅର୍ବାନ୍ ପ୍ଲାନର କିମ୍ବା ଆଇଆଇଟି ଏହାର ସମାଧାନ କରି ପାରିବେ। ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ଟ୍ରକ୍ ତଥା ବଡ଼ ବଡ଼ ଗାଡ଼ି ପାର୍କିଂ ଏକ ଅଭ୍ୟାସ ଓ ବ୍ୟାଧିରେ ପରିଣତ ହୋଇ ଯାଇଛି। ଏହାକୁ ସଂପୂର୍ଣ୍ଣ ଉଚ୍ଛେଦ କରିବାକୁ ହେବ। ଏହାର ଏକ ସ୍ପଷ୍ଟ ନୀତି ଆଣିବା ଅତ୍ୟନ୍ତ ଜରୁରୀ। ଏହାକୁ ସୁପ୍ରିମ୍‌କୋର୍ଟ ମଧ୍ୟ ଗୁରୁତର ସହ ନେଇଛନ୍ତି। ଆଗାମୀ ଦିନରେ ଏହା ମଧ୍ୟ ସମ୍ଭବ ହେଲେ ଗମନାଗମନ ସୁଗମ ହେବ।

ସମଲେଶ୍ୱରୀ ମନ୍ଦିରର କାୟାକଳ୍ପ ସଂପୂର୍ଣ୍ଣ ବଦଳି ଥିବାରୁ ସମ୍ବଲପୁରର ଗରିମା ଦ୍ୱିଗୁଣିତ ହୋଇ ଯାଇଛି ଓ ଛତିଶଗଡ଼, ମଧ୍ୟପ୍ରଦେଶର ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ପର୍ଯ୍ୟଟନକୁ ଗୁରୁତ୍ୱର ସହ ବିଚାରକୁ ନିଆଯିବା ଦରକାର, ଯଦ୍ୱାରା ହୀରାକୁଦ ବନ୍ଧ, ଦେବ୍ରିଗଡ଼, ଘଣ୍ଟେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର ସହ ପଞ୍ଚତାରକା ହୋଟେଲ, ରିଜର୍ଭୟରରେ ଜଳକ୍ରୀଡ଼ା, ଦୁଃସାହସିକ କ୍ରୀଡ଼ା, ସ୍ପିଡ୍ ବୋଟ୍, ପାରାଗ୍ଲାଇଡିଂ, ୱାର୍ ରେସ୍ ଯଦି କରାଯାଏ, ତେବେ ଟୁର୍ ଅପରେଟରମାନେ ଯାତ୍ରୀମାନଙ୍କୁ ପ୍ୟାକେଜ୍‌ରେ ଅନ୍ତର୍ଭୁକ୍ତ କରି ପାରନ୍ତେ ଓ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମ ଯୋଗାଣ ଓ ଅଞ୍ଚଳର ବିକାଶ ହୁଅନ୍ତା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ସମ୍ବଲପୁର ଅଞ୍ଚଳ କିଛିଟା ଅଦ୍ୱିତୀୟ ଜିନିଷ ପାଇଁ ଖ୍ୟାତି ଅର୍ଜନ କରିଛି। ଯଥା- ସମ୍ବଲପୁରୀ ଗୀତ, ସମ୍ବଲପୁରୀ ଶାଢ଼ି, କପଡ଼ା, ସମ୍ବଲପୁରୀ ଚାଉଳ, ସମ୍ବଲପୁରୀ ଭାଷା ସାହିତ୍ୟ। ଏସବୁର ବିକଳ୍ପ ନାହିଁ। ଏସବୁ ଅଦ୍ୱିତୀୟ ପାଇଁ ବିଶ୍ୱ ଦରବାରରେ ଖ୍ୟାତି ଅର୍ଜନ କରିଛି। ଏବେ ନୂଆଖାଇ ଭେଟ୍‌ଘାଟ୍ ଏକ ଗଣପର୍ବ ଭାବରେ ମଧ୍ୟ ବିଦେଶରେ ଦେଖିବାକୁ ମିଳୁଛି। ଏ ସବୁକୁ ବ୍ରାଣ୍ଡିଂ କରିବାର ସମୟ ଆସିଛି।

୨୦୩୬ ସୁଦ୍ଧା ଆମେ ବିକଶିତ ସମ୍ବଲପୁର ଦେଖିବାର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ଓ ପରିଷଦ ଏହା ଉପରେ କାର୍ଯ୍ୟରତ। ଜୟ ମା' ସମଲେଶ୍ୱରୀ।

ପ୍ରାକ୍ତନ ବରିଷ୍ଠ ପ୍ରଶାସକ
ସମ୍ବଲପୁର,
ମୋ: ୯୪୩୮୦୨୨୨୨୨

ସମ୍ପାଦକଙ୍କୁ ପତ୍ର

ରୋଗୀ ଚିକିତ୍ସାରେ ମ୍ୟୁଜିକ୍ ଥେରାପିର ଭୂମିକା

ସଙ୍ଗୀତର ମଧୁର ମୂର

ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ରିଲିଫ୍, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ପହଞ୍ଚାଇବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୪।୮/ଏନ୍ଏନ୍ଏସ୍: ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କେ.ଭି. ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି। ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଦୀକୂଳ ହରିଜନସାହି ଏବଂ ଅମୃତମଣୋହୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହାପରେ ଆଳି ବ୍ଲକ୍ ଅନ୍ତର୍ଗତ ଭୂଇଁପୁର,ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ପେତପଡା ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବଣ୍ଟନ, ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ ବ୍ୟବସ୍ଥା, କୃଷି କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତ୍ୱରିତ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ। ଅପରାହ୍ନ ୩ଟା ସମୟରେ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ବ୍ୟବସ୍ଥା, ରିଲିଫ୍ କେନ୍ଦ୍ର ଓ ମାଗଣା ରନ୍ଧାଘରର ପରିଚାଳନା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବା, ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ କ୍ଷୟକ୍ଷତି ଆକଳନର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଓ ପ୍ରଭାବଶାଳୀ ସହାୟତା ଯୋଗାଇବା ସହ ସ୍ୱାଭାବିକ ପରିସ୍ଥିତିର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି, ପରସ୍ପର ସମନ୍ୱୟ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ତ୍ୱରିତ ଭାବେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଦାବି

କେନ୍ଦ୍ରାପଡ଼ା,୪।୮/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓଷ୍ଟପୁର ଗ୍ରାମ ପଞ୍ଚାୟତ ଓ ବିରସତୀ ପ୍ରଭୃତି ଅଞ୍ଚଳରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏହି ଅଞ୍ଚଳରେ ଗୃହପାଳୀତ ପଶୁମାନଙ୍କ ପାଇଁ ଦାନା କିଣିବାକୁ ଚାଷୀମାନେ ସହର ଉପରେ ନିର୍ଭର କରୁଛନ୍ତି ଏବଂ ପ୍ରାୟ ୧୦ କିଲୋମିଟରରୁ ଊର୍ଦ୍ଧ୍ୱ ବାଟ ଯାଇ ପଶୁମାନଙ୍କ ପାଇଁ ଦାନା ଆଣୁଛନ୍ତି। ଗାଈମାନଙ୍କଠାରୁ ଉତ୍ପନ୍ନ କ୍ଷୀର ବିକ୍ରୟ ପାଇଁ ଦୂରକୁ ଯିବାକୁ ପଡିଛି। ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମସଭା ମାଧ୍ୟମରେ ସରପଞ୍ଚଙ୍କୁ ଜଣାଇଥିଲେ। ଆବଶ୍ୟକତାକୁ ଉପଲବ୍ଧ କରି ଖାତା ନଂ-୮୨୬ ଓ ପ୍ଲଟ ନମ୍ବର-୭୮୬ ରେ ୪ ଗୋଟି ରୁମ୍ ନିର୍ମାଣ କରାଯାଇଅଛି। ପୂର୍ବରୁ ଏଠାରେ ଗ୍ରାମୀଣ ଜଳ ଯୋଗାଣ ବିଭାଗ ଦ୍ୱାରା ଏକ ଜଳ ଟ୍ୟାଙ୍କ୍ ନିର୍ମାଣ କରାଯାଇଅଛି। ଯାହା ଏବେ ବିଦ୍ୟମାନ। ଏହି ବ୍ଲକ ଦେଇ ଓଷ୍ଟପୁର, ଇଚ୍ଛାପୁର ଆର୍ଡି ରାସ୍ତା ମଧ୍ୟ ଯାଇଅଛି। ଏଠାରେ ବିପଣୀ କେନ୍ଦ୍ର ନିର୍ମାଣ କରାଯାଇ କାର୍ଯ୍ୟରେ ବ୍ୟବହାର କରାଗଲେ ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ହେବା ସହିତ ପଞ୍ଚାୟତର ଆର୍ଥିକ ଉନ୍ନତି ହେବ ବୋଲି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଓଷ୍ଟପୁର ସରପଞ୍ଚ ପ୍ରସନ୍ନ ରାଉତଙ୍କ ସମେତ ଉତ୍ତମ ଜେନା, ଅନାଦି ସାହୁ, ନିରଞ୍ଜନ ଜେନା, ଅନାଦି ସ୍ୱାଇଁ ବିଜୟ ପ୍ରଧାନ, ସୁବାସ ଜେନା, ଅର୍ଜୁନ ମହାନ୍ତି, ଧନେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚାଣ୍ଡୋଳ,୪।୮/ଏନ୍ଏନ୍ଏସ୍: ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ସ୍ଥିତ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ ପ୍ରଧାନଶିକ୍ଷକ ମଦନ ମୋହନ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଯଅଁରାବାରିମୂଳ ପଞ୍ଚାୟତର ସରପଞ୍ଚ ଶଙ୍କର୍ଷଣ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର, ସମ୍ମାନିତ ଅତିଥିଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ବିଆରସିସି ଦେବଦତ ଶତପଥି, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ବିଦ୍ୟାଳୟର ପୂର୍ବତନ ସଭାପତି ରଜତ କୁମାର ବଳ, ପଞ୍ଚସଖା ଶିକ୍ଷାସେତୁର ସଭାପତି ରଞ୍ଜନ କୁମାର ରାଉତ, ହରିଅଙ୍କ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ମୁରଲିଧର ବଳ, ପୂର୍ବତନ ସଂସ୍କୃତ ଶିକ୍ଷକ ପ୍ରଭାକର ମହାନ୍ତି ପ୍ରମୁଖ ଯୋଗଦେଇ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଜଣେ ସରଳ, ନିଷ୍କପଟ, ଅମାୟିକ ଓ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଥିଲେ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଶତପଥି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ମଣ୍ଡଳ ଓ ରଘୁନାଥ ଶତପଥିଙ୍କ ସଂଯୋଜନାରେ ବିଦାୟୀକାଳୀନ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ରୁଦ୍ରାଣୀ ମିଶ୍ର, ରଶ୍ମିତା ପାତ୍ର, ପଦ୍ମାଳୟା ତ୍ରିପାଠୀ, ଗତିଗଙ୍ଗୋତ୍ରୀ ମିଶ୍ର, ଝୁନା ବାରିକ, ଶାନ୍ତିଲତା ସାହୁ, ପଙ୍କଜିନୀ ଦାସ, ମନସ୍ୱିନୀ ପଢ଼ିହାରୀ, ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଅମରେନ୍ଦ୍ର ବେହେରା, ରାଜକିଶୋର ବେହେରା ନଗେନ୍ଦ୍ର ମହାନ୍ତି, ହିମାଂଶୁ ଦାସ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷକଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ତରଫରୁ ସେବାନିବୃତ୍ତ ଶିକ୍ଷକ ଶ୍ରୀ ଦାସଙ୍କୁ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସିଆରସିସି ସୋନମ ଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ କୁମାର ଶତପଥି, ମନୋଜ କୁମାର ନାୟକ, କର୍ମଚାରୀ ଅଧିକାରୀ ମନୋଜ ଦାସ, ସୁଶାନ୍ତ କୁମାର ବଳ, ମିନୁଲତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ

ମାର୍ଶାଘାଇ,୪।୮/ଏନ୍ଏନ୍ଏସ୍: ମାର୍ଶାଘାଇ ସାମ୍ବାଦିକ ସଂଘ ପକ୍ଷରୁ ଜଳନିକାସ ଡାକବଙ୍ଗଳାଠାରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ସଂଘ ସଂପାଦକ ପ୍ରମୋଦ କୁମାର ଦାସ, ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ବିଚିତ୍ରାନନ୍ଦ ବେହେରା, ହିମାଂଶୁ ଶେଖର ନାୟକ, ଶୁଭେନ୍ଦୁ ପ୍ରକାଶ ଦାସ,ମନ୍ମଥନାଥ ସାହୁ, ରନେନ୍ଦ୍ର କୁମାର ନାୟକ, ମନୋଜ କୁମାର ଦାସ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ସାତଭାୟା ଥଇଥାନସ୍ଥଳୀ ଦୁଇଟି ରାସ୍ତାରେ ଜମିଛି ପାଣି

ରାଜନଗର,୪।୮/ଏନ୍ଏନ୍ଏସ୍: ରାଜନଗର ବ୍ଲକ୍ ସାତଭାୟା ପଞ୍ଚାୟତ ଥଇଥାନସ୍ଥଳୀ ବଗପାଟିଆରେ ଦୁଇଟି ଲେନର ବାସିନ୍ଦାମାନେ ପାଣି କାଦୁଅରେ ହିନସ୍ତା ହେଉଛନ୍ତି। ଏହି ଥଇଥାନସ୍ଥଳୀର ୧୦ ଓ ୧୧ ନମ୍ବର ଲେନର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ମୁଖ୍ୟ ଡ୍ରେନକୁ ସଂଯୋଗ ନଥିବାରୁ ଜଳ ଆବଦ୍ଧ ରହି ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଯାହାକୁ ନେଇ ବାସିନ୍ଦାମାନେ ସ୍ଥାନୀୟ ତହସିଲଦାର ଯୀଶୁକ୍ରିଷ୍ଟ ଦାସଙ୍କୁ ଭେଟିଥିଲେ। ଘଟଣା ସଂପର୍କରେ ଅବଗତ ହୋଇ ତହସିଲଦାର ଶ୍ରୀ ଦାସ ଚଳିତ ବର୍ଷ ଜୁଲାଇ ମାସ ୨୭ତାରିଖରେ ସରଜମିନ କ୍ଷେତ୍ର ଅନୁଧ୍ୟାନ କରିଥିଲେ। ଥଇଥାନସ୍ଥଳୀର ଯେଉଁ ସ୍ଥାନମାନଙ୍କରେ ଜଳ ଆବଦ୍ଧ ହୋଇ ରହୁଛି, ପଞ୍ଚାୟତ ତରଫରୁ ସେ ସବୁ ସ୍ଥାନରୁ ନାଳ କାଟି ଜଳ ନିଷ୍କାସନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ଜଳ ନିଷ୍କାସନ ବିଭିନ୍ନ ସ୍ଥାନରେ ନାଳ କାଟିଥିଲେ। ମାତ୍ର ୧୦ ଓ ୧୧ ନମ୍ବର ଲେନରେ ନାଳ ପ୍ରାୟ ୫୦ଫୁଟ କରିବା ପରେ ତହସିଲଦାର ଶ୍ରୀ ଦାସ ସେଠାରୁ ଚାଲି ଆସିଥିଲେ। ତହସିଲଦାରଙ୍କ ଅନୁପସ ୍ଥିତରେ ଜଣେ ବ୍ୟକ୍ତି ମାଟି ଖୋଳାକୁ ବିରୋଧ କରିଥିଲେ। ଫଳରେ କାମ ବନ୍ଦ ହୋଇଯାଇଥିଲା। ଏଙ୍କ୍ଷପର୍କରେ ବାସିନ୍ଦା ରବିନ୍ଦ୍ର ରାଉତ, ଗୌରାଙ୍ଗ ଲେଙ୍କା, ପ୍ରଫୁଲ୍ଲ ପରିଡ଼ା, ଅକ୍ଷୟ ପରିଡ଼ା ପ୍ରମୁଖ ସରପଞ୍ଚଙ୍କ ସହ ତହସିଲଦାରଙ୍କୁ ପୁନର୍ବାର ଜଣାଇଥିଲେ ମଧ୍ୟ ଏଯାବତ୍ ପ୍ରତିକାର କରାଯାଇନାହିଁ। ଜଣେ ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ ପାଇଁ ଦୁଇଟି ଲେନରୁ ଜଳ ନିଷ୍କାସନ ବନ୍ଦ ହେବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏସଂପର୍କରେ ତହସିଲଦାର ଶ୍ରୀ ଦାସଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

ତହସିଲଦାରଙ୍କ ନିର୍ଦ୍ଦେଶକୁ ମାନିଲେନି ଜବରଦଖଲକାରୀ

ଆଜି ଶ୍ରୀବଳଦେବଜିଉଙ୍କ ସର୍ବସାଧାରଣ ଦର୍ଶନ ୪ ଘଣ୍ଟା ବନ୍ଦ

କେନ୍ଦ୍ରାପଡ଼ା,୪।୮/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜିଉ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନିମନ୍ତେ ଆସନ୍ତାକାଲି ଚାରି ଘଣ୍ଟା ଶ୍ରୀଜିଉଙ୍କ ଦର୍ଶନ ବନ୍ଦ ରହିବ। ୫ତାରିଖ (ବୁଧବାର) ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି କାର୍ଯ୍ୟ ଚିତ୍ତକର ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ଚିତ୍ତକର ସେବାୟତ ରନ୍ ସିଂହାସନକୁ ଯାଇ ଏହି ସେବା କାର୍ଯ୍ୟ କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସେହି ସମୟରେ ସର୍ବସାଧାରଣ ଦର୍ଶନ ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଚାରି ଘଣ୍ଟା ଧରି ବନ୍ଦ ରହିବ ବୋଲି ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

ମହିଳାମଣ୍ଡଳ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ତାଳଚେର,୪।୮/ଏନ୍ଏନ୍ଏସ୍: ଏମ୍ସିଏଲ୍ ହିଙ୍କୁଳା ଏରିଆ ପ୍ରତିଭା ମହିଳାମଣ୍ଡଳ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର କର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ମଣ୍ଡଳର ସଭାପତି ଅଶ୍ରିତା ଯୋଶୀଙ୍କ ନେତୃତ୍ୱରେ ଏହି ଶିବିରରେ ୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ନିଜର ସ୍ୱାସ୍ଥ୍ୟପରୀକ୍ଷା କରି ଔଷଧ ନେଇଥିଲେ। ବିଶେଷକରି ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ମଧୁମେୟ, ଉଚ୍ଚରକ୍ତାଚାପ ସମ୍ବନ୍ଧୀୟ ପରୀକ୍ଷା କରାଯାଇଥିଲା। ଏଥିରେ ସରପଂଚ ମହିଳାମଣ୍ଡର ସଦସ୍ୟା ପିଙ୍କି ସେଠୀ, ସୋନାଲି ପ୍ରଧାନ, ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ତାଳଚେର ଅଞ୍ଚଳରେ ପ୍ରଚୁର ଧୂଳିଧୂଆଁ ଯୋଗୁଁ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହୋଇ କେହି ମୃତ୍ୟୁ ବରଣ କରୁଥିବା ବେଳେ ଆଉ କେହି ବିଛଣାରେ ପଡ଼ି ଜୀବନ ସହିତ ସଂଗ୍ରାମ କରୁଛନ୍ତି। ତେଣୁ ମାସର ୩୦ଦିନ ମଧ୍ୟରେ ପ୍ରତି ପଞ୍ଚାୟତ ସହିତ ପୌରାଞ୍ଚଳରେ ଏହି ଚିକିତ୍ସା ଶିବିର କରାଗଲେ ଲୋକ କିଛିକାଂଶରେ ଉପକୃତ ହୋଇପାରିବେ ବୋଲି ଚର୍ଚ୍ଚା

ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଆଳି,୪।୮/ଏନ୍ଏନ୍ଏସ୍: କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଧୋୟାଞ୍ଚଳର ଦଶ ପଞ୍ଚାୟତରେ ଚଳିତ ବର୍ଷ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି କରିଛି। କ୍ଷୟକ୍ଷତି ଆକଳନ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗସ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଆଳି ବ୍ଲକରେ ପହଞ୍ଚି ସଂସିଧା ଓ ପେତପଡ଼ା ପଞ୍ଚାୟତକୁ ଯାଇଥିଲେ। ସଂସିଧା ପଞ୍ଚାୟତରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ନଦୀ କୂଳରେ ଥିବା ଠାକୁରପାଟଣା ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ପହଞ୍ଚି ବନ୍ୟାସ୍ଥିତି ଉପରେ ସମୀକ୍ଷା କରିଥିଲେ। ସଂସିଧା-ପେତପଡ଼ା ରାସ୍ତାକୁ ଉଚ୍ଚ କରିବା ନିମନ୍ତେ ପେତପଡ଼ା ପଞ୍ଚାୟତ ପକ୍ଷରୁ ଦାବିପତ୍ର ପ୍ରଦାନ କରା ଯାଇଥିଲା। ସେହିପରି ବନ୍ୟା ଆସିବା ମାତ୍ରେ ବନ୍ୟା ଜଳରେ ବୁଡି ଯାଉଥିବା ମାନପୁର ଘୋଷରା ରାସ୍ତା ମଧ୍ୟ ପରିଦର୍ଶନ କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ,ଆଳି ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା

ସଭାପତି ଶଶାଙ୍କ ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷଙ୍କ ସହ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କୁ ଆଳି ଭୂଇଁପୁର ଛକ, ସଂସିଧା ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଦଳିତ ମହିଳାଙ୍କୁ ନିର୍ଯାତନା ଘଟଣା

୪ ବର୍ଷ ପରେ ମଧ୍ୟ ଚାର୍ଜସିଟ୍ ଦାଖଲ କରୁନି ପୁଲିସ

କେନ୍ଦ୍ରାପଡ଼ା,୪।୮/ଏନ୍ଏନ୍ଏସ୍: ଅନୁସୂଚିତ ଜାତି ଓ

ବୈଶିଙ୍ଗାରେ ଜେଲିଓ କମ୍ପାନୀର ଇ-ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ

ବୈଶିଙ୍ଗା,୪।୮/ଏନ୍‌ଏନ୍‌ଏସ୍: ବୈଶିଙ୍ଗା ବଜାର ମଧ୍ୟରେ ଜେଲିଓ କମ୍ପାନୀର ଇ-ବାଇକ୍ ଶୋ'ରୁମ 'ଦାସ ଅଟୋ' ଉଦ୍‌ଘାଟିତ ହୋଇଛି । ବୈଶିଙ୍ଗା ମିଡିଆ ସେଣ୍ଟରର ସଭାପତି ସଞ୍ଜୟ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ସୀତାନାଥ ବେହେରା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ମଧୁସୂଦନ ମହାନ୍ତି, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର ଓ ଜୟନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ରାଜସ୍ୱ ବିଭାଗର ଅବସରପ୍ରାପ୍ତ ଅଧିକାରୀ ମହେନ୍ଦ୍ର କୁମାର ସାହୁ, ବାବୁଲି ଟିଭିର ପରିଚାଳକ ଦାମୋଦର ଜେନା, ରାଜେନ ଦାସ, ସମୀର କୁମାର ପଣ୍ଡା ଓ ରାଜକିଶୋର ବିଶ୍ୱାଳୀ ପ୍ରମୁଖ ଉପସ୍ଥିତ ରହି ଇ-ବାଇକ୍ ସମ୍ବନ୍ଧୀୟ ତଥ୍ୟ ବୁଝିଥିଲେ । ବର୍ତ୍ତମାନ ପେଟ୍ରୋଲ୍‌ର ନିଆଁଆ ଏବଂ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇଁ ଇ-ବାଇକ୍‌ର ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ । ଦାସ ଅଟୋର ମୁଖ୍ୟ ଲକ୍ଷ୍ମୀକାନ୍ତ ଦାସ ଧନ୍ୟବାଦ ଜଣାଇଥିଲେ । ପ୍ରଥମ ଗ୍ରାହକ ଭାବେ ଦାମୋଦର ଜେନା ଗୋଟିଏ ଇ-ବାଇକ୍ କିଣିଥିଲେ ।

ଓଡ଼ିଆ ସାମ୍ବାଦିକତା ଦିବସ

'ସାମ୍ବାଦିକ ହୁଅନ୍ତୁ ସରକାର ଓ ଜନତାଙ୍କ ବିଶ୍ୱାସର ସ୍ୱର'

ସୋର,୪।୮/ଏନ୍‌ଏନ୍‌ଏସ୍: ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି ।

ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ଓଡ଼ିଆ ସାମ୍ବାଦିକତାର ଗୌରବମୟ ଇତିହାସ, ବର୍ତ୍ତମାନ ସମୟରେ ସାମ୍ବାଦିକତାର ଆହ୍ୱାନ ଓ ଚ୍ୟାଲେଞ୍ଜ, ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଓ ସାମ୍ବାଦିକଙ୍କ ନୈତିକ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ ସାମ୍ବାଦିକତା କେବଳ ଏକ ପେଶା ନୁହେଁ, ବରଂ ସତ୍ୟ, ନିରପେକ୍ଷତା ଓ ଜନସେବାର

ଏକ ମହାନ ଦାୟିତ୍ୱ । ସାମ୍ବାଦିକ ହିଁ ସରକାର ଓ ଜନତାଙ୍କ ବିଶ୍ୱାସର ସ୍ୱର ହେଉ ବୋଲି ଶ୍ରୀ ଦାସ କହିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିଅନ୍‌ର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ଓ ବରିଷ୍ଠ ସଦସ୍ୟ ଅରୂପ କୁମାର ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ଓଡ଼ିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ରୁଚିକ ରଞ୍ଜନ ମହାପାତ୍ର, ରମାକାନ୍ତ ପଣ୍ଡା, ରବି ରଞ୍ଜନ ତ୍ରିପାଠୀ, ନନ୍ଦ କିଶୋର ସାହୁ, କହ୍ନେଇ ଚରଣ ପ୍ରଧାନ, ଜୟଦେବ ଆଚାର୍ଯ୍ୟ, ସୋମନାଥ ସାହୁ, କୈଳାସ ଚନ୍ଦ୍ର ଦାସ, ଗୌତମ କୁମାର ମୁଖୀ, ସୁଶାନ୍ତ କୁମାର ବେହେରା, ଲୋକନାଥ ପୀରି, ସରୋଜ କୁମାର ସାହୁ ଓ ଲକ୍ଷ୍ମୀଧର ବାରିକ ପ୍ରମୁଖ ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭାଗ୍ୟଜ୍ୟୋତି ବେହେରା, ଦ୍ୱିତୀୟ ଉର୍ବଶୀ ଦାସ ଓ ତୃତୀୟ ଦୀପକ କୁମାର ସାହୁ ଏବଂ ଯଶୋଦାନ ଦାସଙ୍କୁ ୟୁନିଅନ୍ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ସତ୍ୟନିଷ୍ଠ, ନିରପେକ୍ଷ ଓ ଦାୟିତ୍ୱବୋଧ ସହିତ ସାମ୍ବାଦିକତା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ ।

ଅନ୍ତର୍ଜାତୀୟ ଓପନ୍ କରାଟେ ଚାମ୍ପିଅନ୍‌ଶିପ୍

ଉତ୍କଳ କରାଟେ ସ୍କୁଲ୍‌କୁ ୭ ସ୍ୱର୍ଣ୍ଣ, ୨ ରୌପ୍ୟ , ୫ଟି ବ୍ରୋଞ୍ଜ୍ ପଦକ

ବାରିପଦା,୪।୮/ଏନ୍‌ଏନ୍‌ଏସ୍: କୋଲକାତାର ଐତିହାସିକ ନେତାଜୀ ଇଣ୍ଡୋର ଷ୍ଟାଡିୟମ୍‌ରେ ୧୦ମ ଆନ୍ତର୍ଜାତୀୟ ଓପନ୍ କରାଟେ

ଚାମ୍ପିଅନଶିପ୍ ଆୟୋଜିତ ହୋଇଯାଇଛି । ଏଥିରେ ବାରିପଦାର ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଭାଶାଳୀ ଖେଳାଳିମାନେ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ନିଜ ପ୍ରତିଭାର ଉତ୍କୃଷ୍ଟ ପ୍ରଦର୍ଶନ କରି ମୟୂରଭଞ୍ଜ ଜିଲ୍ଲାର ଗୌରବ ବଢ଼ାଇଛନ୍ତି । ଅଲ୍ ଇଣ୍ଡିଆ ସେଶିନକାଇ ଶିତୋ ର୍ୟୁ କରାଟେ ଡୋ ଫେଡେରେସନ୍‌ର ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ୍‌ର ମୁଖ୍ୟ ପ୍ରଶିକ୍ଷକ ଟେଂଶି ସୁଶାନ୍ତ ବାରିକ ଏବଂ କୋ୍ ସାଇ ସୁନ୍ଦର ବାରିକଙ୍କ ତତ୍ତ୍ୱାବଧାନରେ ମୋଟ୍ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ସେମାନେ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି । ତନ୍ମଧ୍ୟରୁ କାତା ବିଭାଗରେ ଆଦିର ଦେ, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ରିତିକା ରାଣୀ ବେହେରା , ତାନ୍ୟ ତାପ୍ତି ମହାନ୍ତି ସ୍ୱର୍ଣ୍ଣ ପଦକ, ଜିଜ୍ଞାସା ବାସୁରି ରୌପ୍ୟ ପଦକ, ଆରୋହୀ ମହାପାତ୍ର କାଂସ୍ୟ ପଦକ ଏବଂ କୁମିତେ ବିଭାଗରେ ଆଦିର ଦେ, ରିତିକା ରାଣୀ ବେହେରା ସ୍ୱର୍ଣ୍ଣ ପଦକ, ତାନ୍ୟା ତାପ୍ତୀ ମହାନ୍ତି, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ଆରୋହି ମହାପାତ୍ର ଓ ଜିଜ୍ଞାସା ବାସୁରୀ କାଂସ୍ୟ ପଦକ ହାସଲ କରି ସ୍କୁଲ୍ ସହ ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି । ଏହି ସଫଳତା ପରେ ସ୍କୁଲ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ୍ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଚୋରା ଲୁହାପଥର ଟ୍ରକ୍ ଜବତ

ଯୋଡ଼ା,୪।୮/ଏନ୍‌ଏନ୍‌ଏସ୍: କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ମଣ୍ଡଳରେ ଅବୈଧ ଖଣିଜ କାରବାର ଉପରେ ଲଗାମ୍ ଲାଗୁନଥିବାବେଳେ ବାଂଶପାଣି ଅଞ୍ଚଳରୁ ଚୋରା ଲୁହାପଥର ବୋଝେଇ ଏକ ଟ୍ରକ୍‌କୁ ଖଣି ବିଭାଗ ଜବତ କରିଛି । ଜବତ ଟ୍ରକ୍‌ର ପଞ୍ଜିକରଣ ସଂଖ୍ୟା ଏମ୍‌ପି-୧୦ ଜେଡ୍ ଏଲ୍-୯୩୯୭ ବୋଲି ଜଣାପଡ଼ିଛି । ଖଣି ବିଭାଗ ସୂତ୍ରରୁ ପ୍ରକାଶ ଯେ ଉକ୍ତ ଟ୍ରକ୍‌ରେ ପ୍ରାୟ ୧୦ ମେଟ୍ରିକ୍ ଟନ୍ ଚୋରା ଲୁହାପଥର ବୋଝେଇ କରାଯାଇ ଚାଲାଣ ହେଉଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖଣି ବିଭାଗର ସ୍କ୍ୱାଡ୍ ଟିମ୍ ଅଚାନକ ଚଢ଼ଉ କରିଥିଲା । ତେବେ ସ୍କ୍ୱାଡ୍ ଟିମ୍‌କୁ ଦେଖି ଟ୍ରକ୍‌ର ଚାଳକ ଓ ହେଲ୍ପର୍ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପରେ ବିଭାଗୀୟ ଅଧିକାରୀମାନେ ଟ୍ରକ୍‌କୁ ଜବତ କରି ଖଣି ବିଭାଗର ହେପାଜତକୁ ନେଇଥିବା ଜଣାପଡ଼ିଛି । ପ୍ରାଥମିକ ଆକଳନ ଅନୁଯାୟୀ ଜବତ ହୋଇଥିବା ଲୁହାପଥରର ବଜାର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ । ଏହି ଘଟଣାରେ ଖଣି ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ଏବଂ ଫେରାର ଚାଳକ ଓ ହେଲ୍ପରଙ୍କ ସନ୍ଧାନ ଚାଲିଥିବା ସୂଚନା ମିଳିଛି ।

AFFIDAVIT

By virtue of an affidavit sworn before the Executive Magistrate, Balliguda dated 01.08.2026 I Dale Mallick, C/o: Petri Mallick, Address- Village-Badenigan, P.O- Khamankhole, P.S- Balliguda, Dist- Kandhamal, Pin- 762110, Odisha, declare that I have changed my name from Jaleswar Mallick to Dale Mallick. Hence forth, I shall be known as **Dale Mallick** for all purpose.

(Dale Mallick)

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dtd. 25.07.2026 I, Rajesh Ranjan Parida, aged about 42 years, S/o - Karunakar Parida, resident of Jemadeipur, Badabarsing, Ps- Baramba, Dist - Cuttack, Odisha - 754031 declare that my wife correct name is Rita Parida but my wife name wrongly recorded Reeta Parida in my sons School Record. Henceforth, she shall be known as **Rita Parida** for all purposes.

NOTICE

The partnership firm M/S GURU DEV VENTURES bearing Regd No-4202100458/2021 of Dist-Baragada has been Reconstituted on 01/04/2026 due to retirement of partner Smt Smita Kansal and Admission of partner Narayan Kansal w.e.f 01/04/2026

Sakuntala Kansal
Managing partner
M/S GURU DEV VENTURES

ସର୍ବସାଧାରଣଙ୍କ ଅବଗତି ପାଇଁ ସୂଚନା

ମୋର ମହକିଲ **ଶ୍ରୀ ବ୍ରଜ ଦାଶ** ଏବଂ **ଶ୍ରୀ ସୌଭାଗ୍ୟ ଦାଶ** ନିମ୍ନୋକ୍ତ ସମ୍ପତ୍ତିର ଯୁକ୍ତ ମାଲିକ ଅଟନ୍ତି। ଉକ୍ତ ସମ୍ପତ୍ତି ହେଉଛି ମୌଜା- **ରୁଦ୍ରପୁର**, ଆଜା- **ବାଲିଅନ୍ତା**, ଭୁବନେଶ୍ୱର, ଜିଲ୍ଲା- **ଖୋର୍ଦ୍ଧା** ଅନ୍ତର୍ଗତ ଖାତା ନଂ. ୪୧୨/୧୬୮୪, **ପ୍ଲଟ୍ ନଂ. ୫୫୯**, କ୍ଷେତ୍ରଫଳ **ଏସି. ୦.୦୮୦ ଡେସିମିଲ** ଦିଶିଷ୍ଟ ଜମି।

ମୋର ମହକିଲମାନେ ଉକ୍ତ ସମ୍ପତ୍ତିକୁ **ଶ୍ରୀ ସରୋଜ କୁମାର ଦାଶଙ୍କ** ଠାରୁ, ତାଙ୍କର ବିଧିବଦ୍ଧ ନିଯୁକ୍ତ ପାୱାର ଅଫ୍ ଅଟର୍ଣ୍ଣିଧାରୀ **ଶ୍ରୀ ଜଗେନ୍ଦ୍ର କୁମାର ସାହୁଙ୍କ** ମାଧ୍ୟମରେ, **ରେଜିଷ୍ଟର୍ଡ ବିକ୍ରୟ ଦଲିଲ ନଂ. ୧୧୦୮୧୦୮୮୫୩୩, ତାରିଖ ୦୨.୦୮.୨୦୧୮** ଅନୁଯାୟୀ କ୍ରୟ କରିଥିଲେ, ଯାହା **ଏସ୍.ଆର୍.ଓ., ଖୋର୍ଦ୍ଧା, ଭୁବନେଶ୍ୱର** କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଥିଲା।

ଉକ୍ତ **ଶ୍ରୀ ସରୋଜ କୁମାର ଦାଶ** ପୂର୍ବରୁ ଏହି ସମ୍ପତ୍ତିକୁ **ଶ୍ରୀ ଅରକ୍ଷିତ ବାରିକ**, ରୁଦ୍ରପୁର, ଭୁବନେଶ୍ୱରଙ୍କ ଠାରୁ **ବିକ୍ରୟ ଦଲିଲ (Sale Deed) ରେଜିଷ୍ଟ୍ରେସନ୍ ନଂ. ୨୬୯, ତାରିଖ ୧୦.୦୧.୧୯୮୯** ମାଧ୍ୟମରେ କ୍ରୟ କରିଥିଲେ, ଯାହା **ଏସ୍.ଆର୍.ଓ., ଖୋର୍ଦ୍ଧା, ଭୁବନେଶ୍ୱର** କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଥିଲା।

ଖାତା ନଂ. ୧୭, ପ୍ଲଟ୍ ନଂ. ୫୫୯ ସମ୍ବଳିତ ମୂଳ **ଆର୍.ଓ.ଆର୍. (Record of Rights)** ଏବଂ **ଶ୍ରୀ ସରୋଜ କୁମାର ଦାଶଙ୍କ** ନାମରେ ଥିବା **ରେଜିଷ୍ଟ୍ରେସନ୍ ନଂ. ୨୬୯, ତାରିଖ ୧୦.୦୧.୧୯୮୯** ର ମୂଳ ବିକ୍ରୟ ଦଲିଲ **ତାରିଖ ୦୭.୦୭.୨୦୨୬ ଅପରାହ୍ନ ପ୍ରାୟ ୪.୦୦ ଘଟିକା** ସମୟରେ ହଜିଯାଇଛି ଏବଂ/କିମ୍ବା ଭୁଲ-ବଶତଃ ହେଇଁଠି ରହିଯାଇଛି। ଏହି ସମ୍ପର୍କରେ **ବାଲିଅନ୍ତା ଆଜାରେ ଜେନେରାଲ ଡାଏରୀ (G.D.) ନଂ. ୦୦୮, ତାରିଖ ୩୦.୦୭.୨୦୨୬** ରେ ଏକ ଅଭିଯୋଗ ରୁଜୁ କରାଯାଇଛି।

ଅତଏବ, ଉପରୋକ୍ତ ସମ୍ପତ୍ତି କିମ୍ବା ଉକ୍ତ ବିକ୍ରୟ ଦଲିଲ ସମ୍ପର୍କରେ କୌଣସି ବ୍ୟକ୍ତି, ସଂସ୍ଥା, ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନକର କୌଣସି ଦାବି, ଅଧିକାର, ସ୍ୱତ୍ୱ କିମ୍ବା ସ୍ୱାର୍ଥ ଥାଇଥିଲେ, ଏହି ସୂଚନା ପ୍ରକାଶ ପାଇବା ତାରିଖଠାରୁ **୧୦ (ଦଶ)** ଦିନ ମଧ୍ୟରେ ତାହାର ସମର୍ଥନରେ ଆବଶ୍ୟକ ଦଲିଲପତ୍ର ସହିତ ଆମ ନିକଟରେ ଲିଖିତ ଭାବରେ ଦାବି ଉପସ୍ଥାପନ କରନ୍ତୁ। ଅନ୍ୟଥା, ଉକ୍ତ ସମୟସୀମା ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ।

ସୋମନାଥ ପଟ୍ଟନାୟକ
ଆଇନଜୀବୀ (Advocate)
ମୋବାଇଲ୍: ୮୪୨୦୦୧୧୯୮୫
ଇ-ମେଲ୍:
meetsomnath1962@gmail.com

ଉତ୍ତରେଶ୍ୱର ଓଭର୍‌ବ୍ରିଜ୍‌ରେ ୬ ମାସ ହେଲା ଜଳିନି ଉଜ୍ଜ୍ୱଳ ଆଲୋକ

ସୋର,୪।୮/ଏନ୍‌ଏନ୍‌ଏସ୍: ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପରେ ଉତ୍ତରେଶ୍ୱରଠାରୁ ବରଫକଳ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ପାଇଁ ଗତ ୬ ମାସ ହେଲା ଲାଇଟ୍ ଖୁଣ୍ଟି ଲଗାଯାଇଛି । ହେଲେ ଆଜିପର୍ଯ୍ୟନ୍ତ ଏଥିରେ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିନାହିଁ । ଫଳରେ ଉଭୟ ପାର୍ଶ୍ୱରେ ବିଭିନ୍ନ ଦୂରଦୂରାନ୍ତରୁ ଆସୁଥିବା ବସ୍‌ଯାତ୍ରୀ ଏବଂ ଅନ୍ୟ ଯାତ୍ରୀମାନେ ଅନ୍ଧାରରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି

ପ୍ରକାଶଥାଉକି ଏହି ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ବ୍ରିଜ୍‌ଗୋପାଲ୍ କନଷ୍ଟ୍ରକସନ୍ କମ୍ପାନୀ ଲଗାଇଥିଲେ ସୁଦ୍ଧା ଏଥିରେ ବିଦ୍ୟୁତ୍ ସଂଯୋଗ କରୁନାହିଁ । ଏସମ୍ପର୍କରେ କମ୍ପାନୀର ଅଧିକାରୀଙ୍କୁ ପଚାରିବାରୁ ଏହି ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ପାଇଁ ଏକ ସବ୍‌ଷ୍ଟେସନ୍ ବସାଇବାର ଆବଶ୍ୟକତା ଥିବାବେଳେ ଏହାକୁ ଟାଟା ପାୱାର୍ ପକ୍ଷରୁ ଅନୁମତି ମିଳିପାରୁ ନାହିଁ । ଫଳରେ ସଂଯୋଗ କରିବାରେ ବିଳମ୍ବ ଘଟୁଛି । ତେବେ ବାହାନଗା, ଦହିସଡ଼ା, ନାୟକବନ୍ଧ ଛକ, ତଳନଗର ଓ ଜାମୁଝିଡ଼ି ଆଦି ଜାଗାମାନଙ୍କରେ ଲାଇଟ୍ ଜଳୁଥିବାବେଳେ ସୋର ଭଳି ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନରେ ଲାଇଟ୍ ନ ଜଳିବା ଫଳରେ ଯାତ୍ରୀମାନେ ନାହିଁନଥିବା ଅସୁବିଧାରେ ପଡୁଥିବା ଦେଖାଯାଇଛି । ତେଣୁ ତୁରନ୍ତ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ପାଇଁ ସାଧାରଣରେ ଦାବି ହୋଇଛି ।

ଧାମନଗର ବନ୍ୟାଞ୍ଚଳରେ ସ୍ଥିତି ପରଖିଲେ ସଞ୍ଜୟ ଦାସବର୍ମା

ବନ୍ୟା ବିପନ୍ନଙ୍କ ଦୁଃଖ ଶୁଣିବା ପରେ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଉଠାଇଲେ ପ୍ରଶ୍ନ

ଧାମନଗର,୪।୮/ଏନ୍‌ଏନ୍‌ଏସ୍: ବନ୍ୟା ପରେ ଧାମନଗର ବ୍ଲକ୍‌ର ଅନେକ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଥିବାବେଳେ ୫ ଦିନ ପରେ ମଧ୍ୟ ଅନେକ ପ୍ରଭାବିତ ପରିବାରଙ୍କ ନିକଟରେ ସରକାରୀ ରିଲିଫ୍ ପହଞ୍ଚି ନଥିବା ଅଭିଯୋଗ ଉଠିଛି । ଏପରି ପରିସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମଙ୍ଗଳବାର ଧାମନଗର ବ୍ଲକ୍‌ର ବନ୍ୟା ଓ ଜଳବନ୍ଦୀ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସାହସପୁର ପଞ୍ଚାୟତର ତାରିଣୀ ଛକ, ବମକୁରା ପଞ୍ଚାୟତର ଦେଉଳଡ଼ିହ ଜେନାସାହି, ଖଡ଼ିମାହାରା ଓ ଘାଟସାହି, ହସନାବାଦ ପଞ୍ଚାୟତର ଅନଳଡ଼ିହ, ଅଷ୍ଟକ, ଗୋପବନ୍ଧୁନଗର, ଅର୍ଜୁନପୁର ପଞ୍ଚାୟତର ମଠସାହି, ବାଲିପାଟଣା, ତରେଇସାହି ଓ ସଇଲୋରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା କୋଚିଲା ନଦୀବନ୍ଧ ଅଞ୍ଚଳ ବୁଲି ବନ୍ୟାର ସ୍ଥିତି ପରଖିଥିଲେ । ଚାଷୀମାନେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଧାନ ତଳି ଦେଖାଇ ନିଜ ଦୁଃଖ ବଖାଣିବା ସହ କ୍ଷତିପୂରଣ ଦାବି କରିଥିଲେ ।

ଏହି ଗସ୍ତ ବେଳେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ଯେ ବନ୍ୟାର ଏତେଦିନ ପରେ ମଧ୍ୟ ପଲିଥିନ୍, ଚୁଡ଼ା ଓ ଗୁଡ଼ ଭଳି ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ସହ ଗୋଖାଦ୍ୟ

ସେମାନଙ୍କ ପାଖରେ ପହଞ୍ଚିନାହିଁ । ବହୁ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପହଞ୍ଚି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବମକୁରା ପଞ୍ଚାୟତର ଘାଟସାହି ମୁଖ୍ୟରାସ୍ତା ଉପରେ ଏବେ ମଧ୍ୟ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହତ ହେଉଥିବାବେଳେ ଗେଙ୍ଗୁଟି ନଦୀକୂଳରେ ଅଧୁରା ପଡ଼ିଥିବା ଘେରୀବନ୍ଧ କାମ ପ୍ରତିବର୍ଷ ବନ୍ୟା ବିପଦକୁ ବଢ଼ାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଉଦ୍‌ବେଗ ପ୍ରକାଶ କରିଥିଲେ । ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ ଦାସବର୍ମା ଯୋଗଦେଇ ବନ୍ୟା ସମୟରେ ରିଲିଫ୍ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ । ପ୍ରଭାବିତ ଚାଷୀ ଓ ସାଧାରଣ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଥିଲେ । ଏହି ଗସ୍ତରେ ବିଜେଡି ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ଧାମନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲ, ଧୁଷୁରୀ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଧାମନଗର ଏନ୍‌ଏସି ଚେୟାରମ୍ୟାନ୍ ନିବେଦିତା ଜେନା, ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଲା ବିଶ୍ୱାଳ, ଧୁଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦିପ ଶେଖର ସ୍ୱାଇଁ, ଚିହ୍ନିଡ଼ି ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ବ୍ଲକ

ଅର୍ଜୁନ୍ ଡିଗ୍ରୀ କଲେଜରେ ସ୍ୱଚ୍ଛତା ପକ୍ଷ

ରେଢ଼ାଖୋଲ,୪।୮/ଏନ୍ଏନ୍ଏସ୍: ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ ଏବଂ ଅର୍ଜୁନ ଡିଗ୍ରୀ କଲେଜ, କଦଳୀଗଡ଼ର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଚେତନତା ସଭା, ଚିତ୍ରାଙ୍କନ ପ୍ରତିଯୋଗିତା ଓ ସ୍ୱଚ୍ଛତା ଶପଥ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଅର୍ଜୁନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ସଭାପତିତ୍ୱ କରି ସ୍ୱଚ୍ଛତା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ । ଯୁବପିଢ଼ି ସଚେତନ ହେଲେ ଏକ ସ୍ୱଚ୍ଛ, ସୁସ୍ଥ ଓ ବିକଶିତ ଭାରତ ଗଠନ ସମ୍ଭବ ବୋଲି ସେ ମତପ୍ରକାଶ କରିଥିଲେ । ମୁଖ୍ୟଅତିଥି ପିଏମ୍‌ଶ୍ରୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କଦଳୀଗଡ଼ର ସଂସ୍କୃତ ଶିକ୍ଷକ ବିକୁ ବେରିହା ସ୍ୱଚ୍ଛତାକୁ ଉତ୍ତମ ସ୍ୱାସ୍ଥ୍ୟ, ସୁନ୍ଦର ପରିବେଶ ଓ ସୁସଂସ୍କୃତ ସମାଜର ମୂଳ ଆଧାର ବୋଲି କହିଥିଲେ । ସମ୍ମାନିତ ଅତିଥି ଜଗବନ୍ଧୁ ପ୍ରଧାନ ସ୍ୱଚ୍ଛତାକୁ ଏକ ଉତ୍ତମ ଜୀବନଶୈଳୀର ଅଂଶ ବୋଲି ବର୍ଣ୍ଣନା କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ଅସୀମା ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ପ୍ରଥମ ପୃଷ୍ଠାରୁ

ଆଜିଠୁ ଓଡ଼ିଶାରେ ...

ସାହାଯ୍ୟ କରିଛି । ଶିକ୍ଷାମନ୍ତ୍ରୀ ସମ୍ମିଳନୀ ପୂର୍ବରୁ କୌଶଳ ବିକାଶ ଏବଂ ଉଦ୍ୟୋଗିତା ମନ୍ତ୍ରଣାଳୟର ନେତୃତ୍ୱରେ ଅଗଷ୍ଟ ୩-୪ ରେ ନୂଆଦିଲ୍ଲୀରେ 'ବ୍ରିକ୍ସ ଟିଭିଇଟି ସିମ୍ପୋଜିଅମ୍' ଏବଂ 'ବ୍ରିକ୍ସ ଟିଭିଇଟି ସହଯୋଗ ମେଣ୍ଟ'ର ଯୁଗ୍ମ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇସାରିଛି । ଏଥିରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା, କାର୍ଯ୍ୟପନ୍ଥା ପ୍ରସ୍ତୁତି, କୌଶଳ ବିକାଶ ଏବଂ ଉତ୍ତମ ପଦ୍ଧତିର ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ନିଜର ଅଧ୍ୟକ୍ଷତା କାଳରେ ଲୋକଙ୍କ ମଧ୍ୟରେ ସମ୍ପର୍କବୃଦ୍ଧି କରିବା ପାଇଁ ଭାରତ ସରକାର 'ମୋଡେଲ୍ ବ୍ରିକ୍ସ' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ମଞ୍ଚ, ଯାହା ସାରା ଦେଶରେ ଅନୁଷ୍ଠିତ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକଗୁଡ଼ିକ ସହ ପରିଚାଳିତ ହେବ । ଏହାଦ୍ୱାରା ଯୁବପିଢ଼ି ବ୍ରିକ୍ସ ଅନୁଷ୍ଠାନ, କୂଟନୀତି, ବହୁପାକ୍ଷିକ ସହଯୋଗ ଏବଂ ସର୍ବସମ୍ମତି ନିଷ୍ପତ୍ତି ପ୍ରକ୍ରିୟା ବିଷୟରେ ଅବଗତ ହୋଇପାରିବେ ।

ରାଷ୍ଟ୍ରପତିଙ୍କ ଐତିହାସିକ ...

ଦେବୀଙ୍କ ମନ୍ଦିର ଯାଏ ଆଦରରେ ପାଛୋଟି ନେଇଥିଲେ ।ମା'ଙ୍କ ଦର୍ଶନ ପରେ ରାଷ୍ଟ୍ରପତି ପୁଣି ଏହି ରାସ୍ତାରେ ବ୍ରହ୍ମପୁର ଫେରିଛନ୍ତି । ଏଠାରେ ଥିବା ଗୋଲାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜରେ ରାଷ୍ଟ୍ରପତି ରାତ୍ରିଯାପନ କରିବା ସହ ବୁଧବାର ପୂର୍ବାହ୍ନରେ ରାଷ୍ଟ୍ରପତି ବ୍ରହ୍ମପୁର ରେଳଷ୍ଟେସନରୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଅଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବ୍ରହ୍ମପୁର ରେଳଷ୍ଟେସନ ସମେତ ସମସ୍ତ ସଡ଼କ ପଥରେ କଡ଼ା ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବିହାର ଓ ପଶ୍ଚିମବଙ୍ଗରେ ...

ବିଭିନ୍ନ ଜିଲ୍ଲାର ୭ ଜଣ ଏବଂ ପଶ୍ଚିମବଙ୍ଗର ହାଓ୍ୱାଡ଼ା ଅଞ୍ଚଳର ୪ ଜଣ ସାମିଲ ଅଛନ୍ତି । ସେହିପରି ଉତ୍ତରାଖଣ୍ଡର ଚମୋଲିସ୍ଥିତ ବଦ୍ରୀନାଥ ହାଇୱେର ଏକାଧିକ ସ୍ଥାନରେ ଭୂସ୍ଖଳନ ସ୍ଥିତି ଉତ୍ପନ୍ନ ହୋଇଛି । ପାହାଡ଼ରୁ ରାସ୍ତା ଉପରକୁ ମାଟି ଓ ବଡ଼ ବଡ଼ ପଥର ଖସିପଡ଼ିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହାଯୋଗୁଁ ପ୍ରାୟ ୨୦୦ ଜଣ ଯାତ୍ରୀ ଫସି ରହିଛନ୍ତି, ଯେଉଁମାନେ ସୋମବାର ରାତି ୯ଟାରୁ ରାସ୍ତା ଖୋଲିବାକୁ ଅପେକ୍ଷା କରିଛନ୍ତି । ଅନ୍ୟପଟେ, ହରିୟାଣାର ଅମ୍ବାଲା ଏବଂ ଝାଜ୍ଜରରେ ରାତିସାରା ବର୍ଷା ହୋଇଛି । ଏହାଯୋଗୁଁ ରାସ୍ତାଘାଟରେ ପାଣି ଜମି ପୋଖରୀ ଭଳି ଦୃଶ୍ୟମାନ ହେଉଛି ଏବଂ ଦୋକାନଗୁଡ଼ିକ ଭିତରକୁ ପାଣି ପଶିଯାଇଛି । କେରଳରେ ଅଗଷ୍ଟ ୧ ରୁ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ୨୫ ଜଣଙ୍କର ମୃତ୍ୟୁ ଘଟିସାରିଥିବା ବେଳେ ୪ ଜଣ ନିଖୋଜ ଅଛନ୍ତି । ୧୮ ହଜାରରୁ ଅଧିକ ଲୋକଙ୍କୁ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେବାକୁ ପଡ଼ିଛି । ଉତ୍ତର ପ୍ରଦେଶର ଆଗ୍ରାରେ ରାତି ୧ଟାରୁ ଅଟକି ଅଟକି ବର୍ଷା ହେଉଛି । କେତେକ ଅଞ୍ଚଳରେ ୨ ରୁ ୩ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହିଛି, ଯାହାଫଳରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ବାରାବଙ୍କୀରେ ଦୁଇ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ବସ୍ ଷ୍ଟାଣ୍ଡରେ ପାଣି ଭରିଯାଇଛି ।

ଉଦୟନିଧିଙ୍କୁ ଉଠାଇନେଲା ...

ଆସିଥିବା ଅଭିଯୋଗ ଉପରେ ପୁଲିସ୍ ତାଙ୍କୁ କିଛି ସମୟ ଜେରା କରିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଦୟନିଧିଙ୍କୁ ମୁକ୍ତ କରିଛି । ପୁଲିସ୍ ତାଙ୍କ ବିରୋଧରେ ୬ଟି ଧାରାରେ ମାମଲା ରୁଜୁ କରିଛି । ଗିରଫଦାରୀରୁ ବର୍ତ୍ତିବା ପାଇଁ ଉଦୟନିଧି ହାଇକୋର୍ଟରେ ଅଗ୍ରିମ ଜାମିନ୍ ଆବେଦନ କରିଥିଲେ । ହେଲେ ଶୁଣାଣି ହେବା ପୂର୍ବରୁ ହିଁ ପୁଲିସ୍ ତାଙ୍କୁ ଗିରଫ କରିଥିଲା । ତେବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଉଦୟନିଧିଙ୍କୁ ପଚରାଉଚରା ପରେ ଆଜି ହିଁ ଛାଡ଼ି ଦିଆଯାଉ । ପୁଲିସ୍ ଉଠାଇନେବା ସମୟରେ ନିଜ ପ୍ରତିକ୍ରିୟାରେ ଉଦୟନିଧି କହିଛନ୍ତି, ତାଙ୍କ ଉପରେ ରାଜନୈତିକ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରକାଶ, ମୁଖ୍ୟମନ୍ତ୍ରୀ ବିଜୟ ଓ ତ୍ରିଶା ଉଭୟ ଅଭିନୟ ଜଗତ ସହ ଜଡିତ ଥିବା ବେଳେ ଉଦୟନିଧି ଷ୍ଟାଲିନ୍ ମଧ୍ୟ ପୂର୍ବରୁ ଅଭିନୟ ଦୁନିଆରେ ବେଶ୍ ସକ୍ରିୟ ଥିଲେ । ତେବେ ସେ ରାଜନୀତିକୁ ଆସିବା ପରେ ଅଭିନୟ ଜଗତରୁ ନିଜକୁ ବିରତି ଦେଇଛନ୍ତି । ଅନ୍ୟପକ୍ଷେ ଫିଲ୍ମ ସମ୍ପର୍କ ବ୍ୟତୀତ ବିଜୟଙ୍କ ନିର୍ବାଚନ ଲଢ଼ିବା ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଭାବେ ଶପଥ ସମାରୋହ ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ଥାନରେ ତ୍ରିଷାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ସୁତରାଂ ତ୍ରିଷା ଓ ମୁଖ୍ୟମନ୍ତ୍ରୀ ବିଜୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଦର୍ଶାଇ ଉଭୟଙ୍କୁ ଟ୍ରୋଲ୍ କରାଯାଉଛି ।

ଓଡ୍ରାଫ୍ ହେବ ...

ଏହି ବାହିନୀ ପାଇଁ ଜଣେ ସ୍ୱତନ୍ତ୍ର କମାଣ୍ଡିଂ ଅଫିସରଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ବାଟାଲିୟନ୍ ଗଠନ କରାଯିବ, ଯାହା ଦ୍ୱାରା ଏକ ବୃତ୍ତିଗତ ଓ ଦକ୍ଷ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଢ଼ିଉଠିବ । ଆଉ ୧୦ଟି ନୂଆ ୟୁନିଟକୁ ଯୋଡ଼ା ଯାଇ ମୋଟ ୩୦ଟି ଓଡ୍ରାଫ ୟୁନିଟକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅବସ୍ଥାପିତ କରାଯିବ । ଏସବୁ ପ୍ରକ୍ରିୟା ପାଇଁ ଏକ ସ୍ୱତନ୍ତ୍ର ଏସଓପି ଜାରି କରିବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ବିପର୍ଯ୍ୟୟ ପରିଚାଳନା ସଂଶୋଧନ ଆଇନ୍-୨୦୨୫ ଅର୍ନ୍ତଗତ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ବା ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସ୍‌ଡିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ଜାରି ହୋଇଛି । ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବକ ଓଡ୍ରାଫକୁ ରାଜ୍ୟର ଏକ ପୂର୍ଣ୍ଣାଙ୍ଗ ଓ ସମ୍ପୂର୍ଣ୍ଣ ସମର୍ପିତ ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫୋର୍ସ(ଏସ୍‌ଡିଆରଏଫ୍) ଭାବେ ଉନ୍ନୀତ କରାଇବା ସହ ଏହାର ଦକ୍ଷତା ଓ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହାକୁ ଅଧିକ କ୍ଷମତା ତଥା ଦାୟିତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସୁରେଶ ପୂଜାରୀ ଆଜିର ଏହି ବୈଠକରେ ରାଜ୍ୟରେ ସାମ୍ପ୍ରତିକ ପ୍ରତିକୂଳ ବନ୍ୟା ପରିସ୍ଥିତିରେ ଓଡ୍ରାଫର ଅତୁଳନୀୟ ସେବା ଓ ସାହସିକତାକୁ ବେଶ୍ ପ୍ରଶଂସା କରିଛନ୍ତି । ଓଡ୍ରାଫ୍ ଉଦ୍ଧାରକାରୀ ଦଳ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ମଧ୍ୟ ଆଲୋଚନା କରି ଆଗାମୀ ଦିନରେ ସେଥିନିମନ୍ତେ ପୂର୍ବପ୍ରସ୍ତୁତି ଭିତ୍ତିରେ ସଜାଗ ରହିବାକୁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଅଗଷ୍ଟ ୪ ସୁଦ୍ଧା, ରାଜ୍ୟର ମୋଟ୍ ୯ଟି ବନ୍ୟା ପ୍ରଭାବିତ ଜିଲ୍ଲାରେ ୬୭୪ ଜଣ ତାଲିମପ୍ରାପ୍ତ ଯବାନ ଏବଂ ୫୯ଟି ଉଦ୍ଧାରକାରୀ ଡଙ୍ଗା ସହ ୫୯ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ଏମାନେ ପ୍ରାୟ ୫୮ ଘଣ୍ଟା ଧରି କ୍ରମାଗତ ରାତ୍ରିକାଳୀନ ଉଦ୍ଧାର ଅଭିଯାନ ଚଲାଇ ୧,୩୯୩ ଜଣ (୮୫୨ ଜଣ ପୁରୁଷ ଓ ୫୪୧ ଜଣ ମହିଳା) ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ୧୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର, ୬ ଜଣ ସର୍ପାଘାତ ଶିକାର ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚାଇବା, ୨୫ଟି ଜରୁରୀ ଚିକିତ୍ସା ସେବା ଯୋଗାଇଦେବା ଏବଂ ୨୧୩ଟି ଗୃହପାଳିତ ପଶୁଙ୍କୁ ଉଦ୍ଧାର କରିଛି ଓଡ୍ରାଫ୍ ବାହିନୀ । ଏତଦ୍‌ବ୍ୟତୀତ ୧୮ଟି ଉପୁଡ଼ି ପଡ଼ିଥିବା ଗଛ କାଟି ଯାତାୟାତକୁ ସ୍ୱାଭାବିକ କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛି । ମୋଟ ଉପରେ ଓଡ୍ରାଫ୍ ଟିମ୍‌ଗୁଡ଼ିକ ୪୯୦ ଘଣ୍ଟା ଧରି ଅବିରତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରିଛନ୍ତି ।

ତୁରକେଲ ବ୍ରିଜ୍ ନିର୍ମାଣ ଦାବିରେ କଂଗ୍ରେସର ପଦଯାତ୍ରା

ଶହେ ଦିନରେ ପହଞ୍ଚିଲା ଅହୋରାତ୍ର ଗଣଧାରଣା

ଭବାନୀପାଟଣା,୪।୮/ଏନ୍ଏନ୍ଏସ୍: କଳାହାଣ୍ଡି ଓ ନୂଆଁପଡ଼ାକୁ ସଂଯୋଗ କରୁଥିବା ତୁରକେଲ ବ୍ରିଜ୍‌ରେ ଜିଲ୍ଲା ପ୍ରଶାସନ ଦ୍ୱାରା ଗାଡ଼ି ଚଳାଚଳ ଓ ଲୋକଙ୍କ ଗମନାଗମନ ବନ୍ଦ କରିବା ଘଟଣାକୁ ଆଗାମୀ ସେପ୍ଟେମ୍ବର ମାସରେ ବର୍ଷେ ପୂରଣ ହେବାକୁ ଯାଉଛି । ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବ୍ରିଜ୍ ନିର୍ମାଣ ନେଇ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି । ତେବେ ତୁରକେଲ ବ୍ରିଜ୍ ନିର୍ମାଣ ଦାବିରେ କଂଗ୍ରେସ ପ୍ରଥମରୁ ଅଦ୍ଧା ଭିଡ଼ିଥିବାବେଳେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କ ନେତୃତ୍ୱରେ ତୁରକେଲ ବ୍ରିଜ୍‌ରୁ ଭବାନୀପାଟଣା ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଜିଲ୍ଲା କଂଗ୍ରେସର ନେତା, କର୍ମୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ପଦଯାତ୍ରା କରିଛନ୍ତି । ସୂଚନାନୁଯାୟୀ ଗତ ବର୍ଷ ସେପ୍ଟେମ୍ବରରେ ଭବାନୀପାଟଣା-ନୂଆଁପଡ଼ା ରାଜ୍ୟ ରାଜପଥ ୧୬ ତୁରକେଲ ବ୍ରିଜ୍‌ର ଏକ ପିଲର୍ ଦବିଯିବା ଫଳରେ ଜିଲ୍ଲା ପ୍ରଶାସନ ଦ୍ୱାରା ସୁରକ୍ଷା ଦୃଷ୍ଟିରୁ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ପାଇଁ ବାରଣ କରାଯାଇଥିଲା । ଫଳରେ ରାଜ୍ୟ ରାଜପଥ ୧୬ ବିଶାଖାପାଟଣା-ଭବାନୀପାଟଣା ଦେଇ ରାୟପୁର ଯାଉଥିବା ମାଲବାହୀ ଯାନବାହାନ ଓ ଯାତ୍ରୀଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାସହ ଅଞ୍ଚଳ ପାଇଁ ଜୀବନରେଖା ସାଜିଥିବା ତୁରକେଲ ବ୍ରିଜ୍ ବନ୍ଦ ହେବାଦ୍ୱାରା ମିଳକି ଅଞ୍ଚଳ କୁହାଯାଉଥିବା ୧୧ଟି ପଞ୍ଚାୟତର ଜନସାଧାରଣଙ୍କ ଗମନାଗମନରେ ଘୋର ସଙ୍କଟ ଦେଖାଦେଇଥିଲା । ତେବେ ମାସ ପରେ ମାସ ଅତିବାହିତ ହେଲେ ମଧ୍ୟ ରାଜ୍ୟ ସରକାର ବ୍ରିଜ୍ ନିର୍ମାଣ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନନେବାରୁ କଂଗ୍ରେସ୍ ଗତ ବର୍ଷ ଡିସେମ୍ବରରୁ ତୁରକେଲ ବ୍ରିଜ୍ ନିକଟରେ ଗଣଧାରଣା ଦେଇଥିଲା । ତେବେ ଖୁବ୍‌ଶୀଘ୍ର ତୁରକେଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପ୍ରତିଶ୍ରୁତି ପରେ ଗଣଧାରଣା ହଟିଥିଲା । ଟେଣ୍ଡର୍ ପ୍ରକ୍ରିୟାରେ ଶିଥିଳତା ଓ ଟେଣ୍ଡର୍ ପ୍ରକାଶ ପାଇବାରେ ଅହେତୁକ ବିଳମ୍ବ ହେବାରୁ ପୁଣିଥରେ କଂଗ୍ରେସ୍ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ମଙ୍ଗଳବାର ୧୦୦ରେ ପହଞ୍ଚିଛି । ଗଣଧାରଣାର ଶହେ ଦିନ ପୂର୍ତ୍ତି ଅବସରରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରି ନିଜର ବିରୋଧକୁ ଜୋରଦାର୍ ଭାବେ ଉପସ୍ଥାପନା କରିଛି । ଏନେଇ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କ ପ୍ରତିକ୍ରିୟା ନେବାରୁ ରାଜ୍ୟ ସରକାର ଜାଣିଶୁଣି ତୁରକେଲ ବ୍ରିଜ୍ ନିର୍ମାଣରେ ବିଳମ୍ବ କରୁଛନ୍ତି । ଏହି ବ୍ରିଜ୍ ପାଇଁ କେବଳ ମିଳକି ଅଞ୍ଚଳର ଲୋକେ ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି । ଏହି ରାସ୍ତା ଦେଇ ରାୟପୁର ମେଡିକାଲ୍ ପାଇଁ ଯାଉଥିବା ରୋଗୀମାନେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ କହିଛନ୍ତି ଯେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କୁ ମୁଁ ଧନ୍ୟବାଦ ଦେବି । ତାଙ୍କରି ଉପସ୍ଥିତି ପାଇଁ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ନିଜ ପ୍ରତିକ୍ରିୟା ରଖିଥିଲେ । ଏହି ପଦଯାତ୍ରାରେ ବିଧାୟକ ପ୍ରତିନିଧି ଧନୁ ଗହୀର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଭାରତ ବେମାଲ, ଜିଲ୍ଲା କଂଗ୍ରେସ ସଭାପତି ଜଳଧର ନାଏକ, ମହମ୍ମଦ ସାହେବ, ଉତ୍ସବ ସାହୁ, ସୁଭାଷ ପ୍ରଧାନ, ରାହାସ ସାହୁ, ପ୍ରଗତି ନାଏକ, ଦ୍ରୌପଦୀ ମାଝୀ, ବିକ୍ରମ ଭୋଇ, କେଦାର ସାହୁ, ବିଜୟ ଦୀପ, ଆଲୋକ ପଟେଲ, ଜନତା ବେହେରା, ରମେଶ କୁମାର, ପଦ୍ମିନୀ ମାଝୀ ଓ ବାବୁଲି ସୁନା ପ୍ରମୁଖଙ୍କ ସହ ହଜାର ହଜାର ସଂଖ୍ୟାରେ ଜିଲ୍ଲା କଂଗ୍ରେସର ନେତା, କର୍ମୀ, ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବଙ୍କ ପାଟଣାଗଡ଼ ଗସ୍ତ

ପ୍ରସ୍ତାବିତ ପାଟଣେଶ୍ୱରୀ ଓ ହରିଶଙ୍କର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ପାଟଣାଗଡ଼,୪।୮/ଏନ୍ଏନ୍ଏସ୍: ରାଜ୍ୟ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ବଳବନ୍ତ ସିଂହ ସୋମବାର ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼କୁ ଆସି ପ୍ରସ୍ତାବିତ ପାଟଣେଶ୍ୱରୀ ମନ୍ଦିରରେ ନୂତନ ଭାବେ ଅତ୍ୟାଧୁନିକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବୁଲି ଦେଖିଥିଲେ । ଶ୍ରୀ ସିଂ ସର୍ବପୁରାତନ ମନ୍ଦିର ଦେଖି ଖୁବ୍ ପ୍ରଶଂସା କରିଥିଲେ । ତାଙ୍କ ସହ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ତର ବିଜୟାନନ୍ଦ ସେଠୀ, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ତହସିଲଦାର୍ ରୁଦ୍ରମୋହନ ନାୟକ, ଅତିରିକ୍ତ ତହସିଲଦାର୍ ଅର୍ଜୁନ ଚରଣ ମାଝୀ ଓ ଜିଲ୍ଲା ପର୍ଯ୍ୟଟନ ଚଳିନା ପ୍ରଧାନ ଉପସ୍ଥିତ ଥିଲେ । ଦେବୋତ୍ତର ବିଭାଗ ପକ୍ଷରୁ ସଦାଶିବ ସରାଫ, ଦୀନବନ୍ଧୁ ପାଣିଗ୍ରାହୀ, ବିଜୟ କୁମାର ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ମେହେର,

ଦୁଇ ପ୍ରକଳ୍ପର କାମ ଶୀଘ୍ର କରିବାକୁ ନିର୍ଦ୍ଦେଶ

ଦେବୋତ୍ତର ମ୍ୟାନେଜର୍ ବିଘ୍ନରାଜ ଧଲ୍ ମୁହୁରି ଓ ଅଚ୍ୟୁତ ସ୍ୱାଇଁ ଉପସ୍ଥିତ ଥିଲେ । ତୁରନ୍ତ ପ୍ରକଳ୍ପ କାମ କରିବା ପାଇଁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ପରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ରାଜ୍ୟ ପର

ଅଧ୍ୟାପିକା ସ୍ମିତାଶ୍ରୀ ଘଡ଼ାଇଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସମାରୋହ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ସ୍ଥାନୀୟ କମଳା ନେହରୁ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରବତ୍ସଳ ପ୍ରାଧ୍ୟାପିକା ପ୍ରଫେସର ସ୍ମିତାଶ୍ରୀ ଘଡ଼ାଇଙ୍କର ଆକସ୍ମିକ ବିୟୋଗରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଗବେଷକ ତଥା ଇତିହାସବିତ୍ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ବୃଦ୍ଧାମଣି ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସ୍ମିତାଶ୍ରୀଙ୍କର ବାଗ୍ମିତା, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିକାଶ ଦିଗରେ କିପରି ଆଗେଇ ନେଉଥିଲା - ତାହାର ଉଲ୍ଲେଖ କରିଥିଲେ । ସମ୍ମାନିତ ବକ୍ତା ଭାବେ ଯୋଗଦେଇ କମଳା ନେହରୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ର. ବିବାସିନୀ ରଥ ସ୍ୱର୍ଗତା ଘଡ଼େଇଙ୍କର ଗୁଣାବଳୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ର. ସଂଘା ଦାସ, ପ୍ର. ସୁଲେଖା ସାମନ୍ତରାୟ, ଡ. ରମାକାନ୍ତ ମହାପାତ୍ର, ଡ. ଗିରିଧାରୀ ଦାସ, ପ୍ର. ସୂର୍ଯ୍ୟକାନ୍ତ ନାଥ, ଡ. ଜ୍ୟୋତ୍ସ୍ନା ମହାନ୍ତି, ଡ. ଗୀତାଞ୍ଜଳି ମିଶ୍ର, ପ୍ର. ନମିତା ପଟ୍ଟନାୟକ, ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ, ଡ. ସୁବାସ ବାରିକ, ଡ. ସୋହାନୀ ଦାଶ, ଡ. ପ୍ରଜ୍ଞାନ ଘଡ଼େଇ, ଜଗନ୍ନାଥ ପ୍ରସାଦ ଜଗଦ୍ଦେବ, ପ୍ର. ପି.କେ.ଜେ. ମହାପାତ୍ର, ଦେବପ୍ରସାଦ ରାୟ, ପ୍ର. ହେମନ୍ତୀ ବାରିକ, ଡ. ନନ୍ଦିନୀ ଘଡ଼ାଇ, ମନୋରଞ୍ଜନ ରାୟ, ଡ. ଇତିଶ୍ରୀ ରାୟ, ନିରୁପମା ପାଣି, ଡ. ଗୀତିରାଣୀ ଦାଶ, ହରପ୍ରିୟା ଗଡ଼ନାୟକ, ଅର୍ଚ୍ଚନା ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଡ. ତରୁଲତା ପରିଡ଼ା, ପ୍ର.ଶଶିଭୂଷଣ ପରିଡ଼ା ପ୍ରମୁଖ ବକ୍ତାମାନେ ସ୍ମିତାଶ୍ରୀଙ୍କର ଶୈକ୍ଷିକ ଜୀବନର ବିଭିନ୍ନ ଦିଗରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ ।

ଅଭିଭାବକ ଶିକ୍ଷକ ବୈଠକ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ଚଳିତ ଶିକ୍ଷାବର୍ଷ ୨୦୨୬-୨୭ର ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ଶିକ୍ଷକ/ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ଏକ୍ ପେଡ୍ ମା କେ ନାମ୍ ୩.୦, ସୁରଭି, ସ୍ୱଚ୍ଛତା ପକ୍ଷ ପାଳନ, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, କ୍ୟାରିୟର ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଙ୍ଗ ମେସିନ୍‌ର ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ସମୁଦାୟ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ । ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ସର୍ବବିଧ ଉନ୍ନତି ପାଇଁ ଅଭିଭାବକମାନଙ୍କଠାରୁ ଗଠନମୂଳକ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା ।

ୱାର୍ଡେନ୍‌ଙ୍କ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ର ୱାର୍ଡେନମାନଙ୍କ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣର ଶୁଭାରମ୍ଭ ହୋଇଯାଇଛି । ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ, ନୂଆଦିଲ୍ଲୀ ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓଡ଼ିଶା ର ମିଳିତ ସହଯୋଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା, ଯୁଗ୍ମ ନିର୍ଦ୍ଦେଶକ ଜାସ୍ମିନ୍ ପଟ୍ଟନାୟକ, ଡକ୍ଟର ସରିତା ଏମ୍ ଯୋଗ ଦେଇ ୱାର୍ଡେନ୍ ମାନଙ୍କୁ ଏକ ସୁସ୍ଥ ଓ ନିରାପଦ ପରିବେଶ ସୃଷ୍ଟି କରିବାକୁ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ରାଉତ ଯୋଗ ଦେଇ କେଜିବିଭିକୁ ଉଚ୍ଚମାନର ଆବାସିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ୱାର୍ଡେନ ମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି କହିଥିଲେ । ଓସେପାର ରାଜ୍ୟ ଜେଣ୍ଡର କର୍ଡିନେଟର ଲହରୀ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶିକ ଡକ୍ଟର ସାନ୍ତୁନା ମିଶ୍ର, ଡକ୍ଟର ଇର୍ମା କେରକେଟା ପ୍ରମୁଖ ଆଭାସୀ ଜରିଆରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡାଏଟର ଶିକ୍ଷକ ପ୍ରଶିକ୍ଷକ ଏବଂ ଜିଲ୍ଲା ଜେଣ୍ଡର କୋର୍ଡିନେଟର ମାନେ ଯୋଗଦେଇଥିଲେ । କର୍ମଶାଳାରେ ରାଜ୍ୟର ୨ ଟି ଜିଲ୍ଲାରୁ ୭୦ ରୁ ଉର୍ଦ୍ଧ୍ୱ ୱାର୍ଡେନ ଯୋଗଦେଇଥିଲେ ।

ରାଜ୍ୟର ଆର୍ଥିକ ପ୍ରଦର୍ଶନ ସ୍ଥିତି ସମୀକ୍ଷା

ଭିତ୍ତିଭୂମି ଓ ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସଫଳତାର ସହିତ ଆୟୋଜନ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସକ ଓ ଟିମ୍, ପୁରୀ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମ୍ମିଳିତ ପ୍ରୟାସ ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ସେହିପରି ଗତ ଲଗାଣ ବର୍ଷାରେ ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ନିୟନ୍ତ୍ରଣ ଓ ଏହାର ପରିଚାଳନା ପାଇଁ ଅହରାତ୍ର ପ୍ରଚେଷ୍ଟା କରିଥିବା ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ । ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଗତ ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ସ୍ଥିତି ଉପସ୍ଥାପନ କରିଥିଲେ । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟ ମଧ୍ୟରେ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ବୃଦ୍ଧି ଘଟିଥିବା ବୈଠକରୁ ଜଣାଯାଇଛି । ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବ୍ୟୟ ଗତ ବର୍ଷ ତୁଳନାରେ ଏହି ସମୟ ସୁଦ୍ଧା ୨୦.୨ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସାମାଜିକ କ୍ଷେତ୍ରରେ ୧୬.୧ ପ୍ରତିଶତ ତୁଳନାତ୍ମକ ଭାବେ ବୃଦ୍ଧି ପାଇଛି । ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ସମୀକ୍ଷା କରି ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟକରି ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟ ସଚିବ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ କୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାର ବିକାଶ କ୍ରମରେ ବୈଠକରେ ଗଜପତିର ସାମଗ୍ରିକ ବିକାଶ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଥିବା ୨୫ ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବିସ୍ତୃତ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଥିଲେ । ଗଜପତି ଜିଲ୍ଲାକୁ ପ୍ରକୃତି, ଐତିହ୍ୟ ଓ ଆଧ୍ୟାତ୍ମିକ ପର୍ଯ୍ୟଟନର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳୀରେ ବିକଶିତ କରିବାକୁ ସେ ବିଭିନ୍ନ ପ୍ରାଥମିକତା ପ୍ରକଳ୍ପ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ବହୁ ସଂଖ୍ୟକ ଜଳ ପ୍ରପାତ ଥିବାରୁ ସେସବୁ ଅଞ୍ଚଳର ସମନ୍ୱିତ ବିକାଶ କରି ପର୍ଯ୍ୟଟନ ସର୍କିଟ୍ ଭାବେ ବିକଶିତ କରିବା, ଜିରାଙ୍ଗ ବୌଦ୍ଧ ପୀଠର ବିକାଶ, ମହେନ୍ଦ୍ରଗିରି ଇକୋ ଟୁରିଜିମ୍ ଏବଂ ଇକୋ-ଆଡଭେଞ୍ଚର ଫେଷ୍ଟ, ପାରଳାଖେମୁଣ୍ଡି ସ୍ଥିତ 'ବୃନ୍ଦାବନ ରାଜ ପ୍ରାସାଦ' ଐତିହ୍ୟ ପର୍ଯ୍ୟଟନ, ରାମସାଗର 'ୱାଟର ଫ୍ରଣ୍ଟ'ର ବିକାଶକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ । ଗଜପତି ଜିଲ୍ଲାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ଓ ଉତ୍କୃଷ୍ଟ ପରୀକ୍ଷାଫଳ ହାସଲ ଲକ୍ଷ୍ୟରେ 'ପ୍ରୟାସ ସୁପର-୩୦' କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଅଦ୍ୟାବଧି ନିଆଯାଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତିସମୂହ ଓ ସେସବରୁ ରୂପାୟନ ସ୍ଥିତି ସଂପର୍କରେ ଗୁରୁତ୍ୱାରାପ କରି ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅନୁମୋଦିତ ପ୍ରସ୍ତାବଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ, ନିୟମିତ ଫଲୋ-ଅପ୍ (ଅନୁସରଣ) ଓ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଓଡ଼ିଶାରେ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ

ରାଜ୍ୟସଭାରେ ଉତ୍ତର ରଖିଲେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ଓଡ଼ିଶାର ୪୨୨ଟି ଆୟୁଷ ଡିସପେନ୍ସରୀକୁ ଓ୍ୱେଲନେସ ସେଣ୍ଟର ଭାବେ ବିକାଶ କରିବା ସହିତ କେନ୍ଦ୍ର ସରକାର ଏଗୁଡ଼ିକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପରିଣତ କରିଛନ୍ତି । ଏହି ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ରହିଛି । ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି ।

ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ବିକାଶ ଏବଂ ଲୋକଙ୍କ ହାତପାହାନ୍ତାରେ ଏହି ପ୍ରାଚୀନ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଜ୍ଞାନସମ୍ମତ ଭାବେ ପହଞ୍ଚାଇବା ସଂକ୍ରାନ୍ତରେ ଶ୍ରୀ ରାୟ ସଂସଦରେ ପ୍ରଶ୍ନ ଉତ୍ଥାପନ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଜନସ୍ୱାସ୍ଥ୍ୟ ରାଜ୍ୟ ସରକାରମାନଙ୍କ ବ୍ୟାପାର ହୋଇଥିବା ବେଳେ ଏହାର ବିକାଶ ଦିଗରେ କେନ୍ଦ୍ର ସରକାର ସହଯୋଗ କରିଥାନ୍ତି । ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ଆୟୁଷ ମିଶନ ଭଳି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାମାନ କାର୍ଯ୍ୟକାରୀ କରିଥାନ୍ତି । ଏହି କ୍ରମରେ ଓଡ଼ିଶାର ୨୯ଟି ଜିଲ୍ଲାର ୪୨୨ଟି ଆୟୁଷ ଡିସପେନ୍ସରୀକୁ ଆୟୁଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଭାବେ କେନ୍ଦ୍ରୀୟ ଯୋଜନାରେ ଉନ୍ନତି କରାଯାଇଛି । ଏଗୁଡ଼ିକ ଏବେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ପରିଚିତ । ଏଥିମଧ୍ୟରେ ଅନେକ ଆୟୁର୍ବେଦିକ ଡିସପେନ୍ସରୀ ମଧ୍ୟ ରହିଛି । ସୁନ୍ଦରଗଡ଼ ଜିଲ୍ଲାରେ ଏବେ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି । ଦେବଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ୨୯ଟି ଜିଲ୍ଲାରେ ଏଭଳି ଆରୋଗ୍ୟ ମନ୍ଦିରମାନ ରହିଛି । ରୋଗ ଚିକିତ୍ସା ଏବେ ଏକ ବ୍ୟୟବହୁଳ ବ୍ୟାପାର ହୋଇଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ବିଭିନ୍ନ ଯୋଜନାରେ ବ୍ୟାପକ ଆର୍ଥିକ ସହାୟତା ଦେଉଥିବା ଉଲ୍ଲେଖ କରି ଶ୍ରୀ ରାୟ କହିଛନ୍ତି ଯେ, ପ୍ରତି ଗାଁର ଲୋକଙ୍କ ପାଖରେ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା ସୁବିଧା ପହଞ୍ଚିପାରିଲେ ସ୍ୱଳ୍প ଖର୍ଚ୍ଚରେ ଲୋକେ ପାର୍ଶ୍ୱପ୍ରତିକ୍ରିୟାହୀନ ପାରମ୍ପରିକ ଉପଚାର କରି ସୁସ୍ଥ ରହିପାରିବେ । ଓଡ଼ିଶାରେ ଲୋକଙ୍କ ବାଡ଼ିବଗିଚାରୁ ଆରମ୍ଭ କରି ବନ ଜଙ୍ଗଲରେ ବିରଳ ଔଷଧୀୟ ବୃକ୍ଷଲତାମାନ ରହିଥିବାରୁ ଆୟୁର୍ବେଦ ଚିକିତ୍ସା ଉପରେ ଅଧିକ ଗବେଷଣା ଓ ତା'ର ପ୍ରୟୋଗ ଲାଗି ଶ୍ରୀ ରାୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଜାତୀୟ ପାରିଭାଷିକ ବୈଠକ ଆରମ୍ଭ

ଉଚ୍ଚଶିକ୍ଷାରେ ଭାରତୀୟ ଭାଷାର ପ୍ରୋତ୍ସାହନ

ଭୁବନେଶ୍ୱର,୪।୮/ଏନ୍ଏନ୍ଏସ୍: ଶିକ୍ଷା ମନ୍ତ୍ରାଳୟ ଅଧୀନସ୍ଥ ଉଚ୍ଚଶିକ୍ଷା ବିଭାଗ ବୈଜ୍ଞାନିକ ଏବଂ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଆୟୋଗ ପକ୍ଷରୁ ସୋମବାର କିଟ୍ ଓ କିସ୍‌ରେ ଛଅଟି ସମାନ୍ତରାଳ ଜାତୀୟ ପାରିଭାଷିକ ବୈଠକ ଆରମ୍ଭ ହୋଇଛି । ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁରୂପ ଭାରତୀୟ ଭାଷାଗୁଡ଼ିକରେ ବୈଜ୍ଞାନିକ ଓ ବୈଷୟିକ ପାରିଭାଷିକ ଶବ୍ଦାବଳୀର ବିକାଶ ଓ ମାନକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନର ୧୦୦ରୁ ଅଧିକ ଭାଷା ବିଶେଷଜ୍ଞ ଏହି ବୈଠକଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷା, ଗବେଷଣା ଏବଂ ପ୍ରଶାସନ କ୍ଷେତ୍ରରେ ଭାରତୀୟ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ ଓ ବୃତ୍ତାନ୍ତ କରିବା ଏହି ବୈଠକର ମୁଖ୍ୟ ଲକ୍ଷ୍ୟ । ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ସିଏସ୍‌ଟିଟିର ସହକାରୀ ନିର୍ଦ୍ଦେଶକ ଜଂ. ଜେ. ଏସ୍. ରାଓତ କହିଲେ ଯେ ଭାରତୀୟ ଭାଷା ମାଧ୍ୟମରେ ଗୁଣାତ୍ମକ ଉଚ୍ଚ ଓ ବୈଷୟିକ ଶିକ୍ଷାକୁ ସୁନିଶ୍ଚିତ କରି ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ କାର୍ଯ୍ୟକାରିତା ଦିଗରେ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେ କହିଥିଲେ ଯେ ଶିକ୍ଷାଦାନ, ଅଧ୍ୟୟନ, ଗବେଷଣା, ଅନୁବାଦ, ନବସୃଜନ ଏବଂ ଜ୍ଞାନର ପ୍ରସାର ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ଅତ୍ୟନ୍ତ ଆବଶ୍ୟକ । ପାଞ୍ଚଦିନିଆ ଆଲୋଚନାଚକ୍ର ମଧ୍ୟରେ ବିଶେଷଜ୍ଞ କମିଟିଗୁଡ଼ିକ ଇଲେକ୍ଟ୍ରୋନିକ୍ସ, ପ୍ରସାରଣ, ଦୂରସଞ୍ଚାର, ଅର୍ଥନୀତି, ବାଣିଜ୍ୟ ଏବଂ ରାଜନୀତି ବିଜ୍ଞାନ ବିଷୟରେ ହଜାର ହଜାର ଓଡ଼ିଆ ବୈଷୟିକ ପାରିଭାଷିକ ଶବ୍ଦର ସମୀକ୍ଷା କରି ସେଗୁଡ଼ିକର ବିକାଶ ଓ ମାନକୀକରଣ କରିବେ ବୋଲି ସେ ସୂଚନା ଦେଇଥିଲେ । କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, ଜାତୀୟ ଶିକ୍ଷା ନୀତି-୨୦୨୦ ଭାରତୀୟ

ଆଜିର ଇତିହାସ

- ୧୭୭୫-ବଙ୍ଗର ନବାବଙ୍କ ଅଧିକାରୀ ନନ୍ଦକୁମାରଙ୍କୁ କୋଲକାତା ଠାରେ ଫାଶୀ ଦିଆଯାଇଥିଲା ।
- ୧୮୫୨-ଆଚାର୍ଯ୍ୟ ପ୍ୟାରେ ମୋହନଙ୍କ ଜନ୍ମଦିନ ।
- ୧୯୯୧-ନ୍ୟାୟମୂର୍ତ୍ତି ଲୀଲା ସେଠ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପ୍ରଥମ ମହିଳା ନ୍ୟାୟାଧୀଶ ନିଯୁକ୍ତ ହୋଇଥିଲେ ।
- ୨୦୦୮- ଭାରତ ମହାସାଗରରେ ୫.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା ।
- ୨୦୧୩-ଦେଶର ଜୁନିଅର୍ ମହିଳା ହକି ଦଳ ଜର୍ମାନୀରେ ସମ୍ପନ୍ନ ବିଶ୍ୱକପ୍‌ରେ କାଂସ୍ୟ ପଦକ ପ୍ରାପ୍ତ କରିଥିଲା ।

ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୪୯୨୪୦

ମେଷ

ସୃଜନାତ୍ମକ କାର୍ଯ୍ୟକୁ ଗତି ଦେବେ । ବିଭିନ୍ନ ମାମଲାରେ ଆଗକୁ ବଢ଼ିବେ । କାର୍ଯ୍ୟବ୍ୟବସାୟ ଦ୍ରୁତତର ହେବ । ଜୀବନସ୍ତର ଉଚ୍ଚ ରହିବ । ବ୍ୟକ୍ତିତ୍ୱରେ ସରଳତା ଓ ସୌମ୍ୟତା ରହିବ । ବଜେଟ୍ ଅନୁରୂପ ଚାଲିବେ ।

ବୃଷ

ନିବେଶକୁ ଖୁବ୍ ଭଲ ଭାବରେ କରିବେ । କାନୁନୀ ମାମଲାରେ ସକ୍ରିୟତା ଆସିବ । ନୀତି ଓ ରୀତିକୁ ପାଳନ କରିବେ । ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ସମାଧାନ ହେବ । ବିଦେଶୀ କାର୍ଯ୍ୟକୁ ଗତି ଦେଇପାରନ୍ତି ।

ମିଥୁନ

ଆର୍ଥିକ ମାମଲା ସକାରାତ୍ମକ ରହିବ । ପରିଣାମ ଆପଣଙ୍କ ପକ୍ଷରେ ଯିବ । କ୍ୟାରିୟର ଓ କାରବାର ଅନୁକୂଳ ରହିବ । ଅବସରର ପୂରା ଲାଭ ଉଠେଇବେ । ବିତ୍ତୀୟ ଚର୍ଚ୍ଚାକୁ ଗତି ମିଳିବ ।

କର୍କଟ

କାରବାରୀ ଲାଭ ବୃଦ୍ଧି ହେବ । କାମକାର୍ଯ୍ୟରେ ସୁଧାର ହେବ । ପେସାଗତ ମାମଲାରେ ଆଗକୁ ବଢ଼ିବେ । ପଦ-ପ୍ରତିଷ୍ଠା ବୃଦ୍ଧି ହେବ । ଆକର୍ଷଣୀୟ ପ୍ରସ୍ତାବ ମିଳିବ । ପରିସ୍ଥିତି ଉପରେ ନିୟନ୍ତ୍ରଣ ରହିବ ।

ସିଂହ

ସମସ୍ତଙ୍କ ସାଥି ଓ ସମର୍ଥନ ପାଇବେ । କାର୍ଯ୍ୟ-ବ୍ୟାପାରରେ ଭାଗ୍ୟଶାଳୀ ଲାଭ ମିଳିବ । ହର୍ଷ-ଉତ୍ସାହରେ କାର୍ଯ୍ୟ କରିବେ । ଇଚ୍ଛିତ ପରିଣାମ ପାଇବେ । ଅଧିକାଂଶ ମାମଲା ଆପଣଙ୍କ ପକ୍ଷରେ ଯିବ ।

କନ୍ୟା

ସମୟ ସାଧାରଣରେ ଗତି କରିବ । ଜିଦ୍ ଓ ଆବେଶରେ ଆସି ନିର୍ଣ୍ଣୟ ନିଅନ୍ତୁ ନାହିଁ । କାର୍ଯ୍ୟବ୍ୟବସ୍ଥାରେ ବିଶ୍ୱାସ ବଜାୟ ରଖନ୍ତୁ । ଅନୁଶାସିତ ରୁହନ୍ତୁ । ଯାତ୍ରା ସମୟରେ ସାବଧାନ ରହିବେ ।

ତୁଳା

ଘରେ ସହଜ ବାତାବରଣ ରହିବ । ନିଜ ଲୋକଙ୍କ ସହିତ ସୁଖଦ ମୁହୂର୍ତ୍ତ ବିତେଇବେ । ସହକାରିତା ଓ ଭାଗୀଦାରୀର ବଳ ମିଳିବ । ସାମୂହିକ ଲକ୍ଷ୍ୟରେ ସଫଳ ହେବେ । କାମଗୁଡ଼ିକ ପୂରା କରିବେ ।

ବିଛା

କାମକାର୍ଯ୍ୟ ଲୋକଙ୍କ ସହିତ ସାକ୍ଷାତ କରନ୍ତୁ । ଆବଶ୍ୟକ ବିଷୟଗୁଡ଼ିକରେ ଗମ୍ଭୀର ରହିବେ । କାରବାର ଆଗକୁ ବଢ଼ିବ । ସମକକ୍ଷଙ୍କ ସହିତ ତାଳମେଳ ରଖିବେ । ସେବା କ୍ଷେତ୍ରରେ ପ୍ରଦର୍ଶନ ବଢ଼ିଆ ରହିବ ।

ଧନୁ

ଲକ୍ଷ୍ୟ ଉପରେ ପୂରା ଧ୍ୟାନ ରହିବ । ପେସାଗତ ସମ୍ବନ୍ଧରେ ସୁଧାର ହେବ । ବାଣୀ ଓ ବ୍ୟବହାରରେ ମିଠାସ୍ ରହିବ । ପ୍ରେମ ସମ୍ବନ୍ଧରେ ଉତ୍ସାହ ବୃଦ୍ଧି ହେବ । ଭ୍ରମଣର ଅବସର ପାଇବେ ।

ମକର

କାର୍ଯ୍ୟ-ବ୍ୟାପାରରେ ଉଚିତ ପରିଣାମ ବଜାୟ ରହିବ । ପ୍ରେମରେ ସହଜ ରହିବେ । ବଡ଼ମାନଙ୍କ କଥା ଉପରେ ଧ୍ୟାନ ରହିବା ଜରୁରୀ । ପେସାଗତଙ୍କ ସହିତ ତାଳମେଳ ବଜାୟ ରହିବ ।

କୁମ୍ଭ

ସାମାଜିକ କାର୍ଯ୍ୟଗୁଡ଼ିକରେ ଅଂଶଗ୍ରହଣ କରିବେ । ଜନସମ୍ପର୍କ ଖୁବ୍ ବଢ଼ିଆ ରହିବ । ସମ୍ବନ୍ଧଗୁଡ଼ିକରେ ଅନୁକୂଳତା ରହିବ । ସାହସ ଓ ପରାକ୍ରମ ବୃଦ୍ଧି ହେବ । ସମସ୍ତଙ୍କର ସମର୍ଥନ ପାଇବେ ।

ମୀନ

ଅତିଥିମାନଙ୍କୁ ଯଥାଯୋଗ୍ୟ ସତ୍କାର କରିବେ । ଅନୁକୂଳତା ପ୍ରତିଶତ ଉଚ୍ଚ ରହିବ । ପାରମ୍ପରିକ ବିଷୟଗୁଡ଼ିକ ଦ୍ରୁତତର ହେବ । ଶ୍ରେଷ୍ଠ କାର୍ଯ୍ୟରେ ଆଗରେ ରହିବେ । ଆକର୍ଷଣୀୟ ପ୍ରସ୍ତାବ ପ୍ରାପ୍ତ ହେବ ।

ଭାଗବତ ଗୀତା

ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।
କର୍ତ୍ତୁଂ ନେଚ୍ଛସି ଯନ୍‌ମୋହାତ୍ କରିଷ୍ୟସ୍ୟବଶୋପି ତତ୍ । (୧୮/୬୦)

ହେ କୌନ୍ତେୟ ! ମୋହ ଯୋଗୁ ତୁମେ ଯାହା କରିବାକୁ ଇଚ୍ଛା କରୁନାହଁ, ସ୍ୱଭାବଜାତ ନିଜ କର୍ମ ଦ୍ୱାରା ଅର୍ଥାତ କ୍ଷତ୍ରୀୟ ପ୍ରକୃତିର ବଶୀଭୂତ ହେଇଥିବାରୁ, ବାଧ ହୋଇ ତୁମକୁ ତାହା କରିବାକୁ ହେବ ।
ଶ୍ରୀ ରାମକୃଷ୍ଣ କହନ୍ତି - ତାଟିଆରେ ରହିଥିବା ରସୁଣରସରୁ ତାଟିଆ ତା'ର ଗନ୍ଧକୁ ଧରିରଖେ । ଯେତେ ତାଟିଆକୁ ସଫା କରି ମାଜିଲେ ବି ରସୁଣ ଗନ୍ଧ ଯାଏ ନାହିଁ । ରସୁଣ ଗନ୍ଧ ଭଳି ଅହଂକାର । ତେଣୁ ଅହଂକାର ସହଜରେ ବିଲୁପ୍ତ ହୁଏ ନାହିଁ ।

ଉତ୍କଳ ଗୁରୁଃ
ପଣ୍ଡିତ ନୀଳକଣ୍ଠ ଦାସ



୧୮୮୪ ମସିହା ଆଜିର ଦିନରେ ପୁରୀର ସାକ୍ଷୀଗୋପାଳ ଠାରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ସେ ଥିଲେ ଜଣେ ସେବକ, ସୁବକ୍ତା, ସୁଲେଖକ, ବାଗ୍ମୀ ଓ ଭାଷାବିତ୍ । ଭାଷାବିତ୍‌ମାନଙ୍କ ମତରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଭାଷା ବିଜ୍ଞାନୀ । ପ୍ରବନ୍ଧ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଦୃଷ୍ଟିରୁ ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ତାଙ୍କୁ 'ଶିଶୁ ସାହିତ୍ୟର ଆଦ୍ୟସ୍ରଷ୍ଟା' ବୋଲି କହିଥିଲେ । ଜଣେ ସକ୍ରିୟ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଛୁଆଁଅଛୁଆଁ ଭେଦଭାବ ଓ ନାନାଦି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇବା ସହିତ ଛାତ୍ରନେତାମାନଙ୍କୁ ମଧ୍ୟ ସେ ଏହି ଶିକ୍ଷା ଦେଉଥିଲେ । ଓଡ଼ିଆ ଭାଷାକୁ ବାକି ପଡ଼ୋଶୀ ଭାଷାଭାଷୀଙ୍କ ଆକ୍ରମଣରୁ ଅଲଗା କରି ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାରେ ସେ ଗ୍ରହଣ କରିଥିଲେ ମୁଖ୍ୟ ଭୂମିକା । ଅନେକ ପ୍ରସିଦ୍ଧ କର୍ମୀଙ୍କ ସହ ମିଶି ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଆନ୍ଦୋଳନ କରିଥିଲେ ଯାହାର ଫଳସ୍ୱରୂପ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା । ସାମ୍ବାଦିକତା କ୍ଷେତ୍ରରେ ସେ ଥିଲେ 'ସମାଜ'ର ସମ୍ପାଦକ, 'ନବଭାରତ'ର ସମ୍ପାଦକ, ସାପ୍ତାହିକ 'ଲୋକମତ'ର ପ୍ରତିଷ୍ଠାତା । ଏହା ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ । ଓଡ଼ିଆ ଭାଷା ଓ ଲିପିର ସୁଧାର ଦିଗରେ ସେ ଅନେକ ପଦକ୍ଷେପ ନେଇଥିଲେ । ୧୯୫୧ରେ 'ଉତ୍କଳ ଗୁରୁ' ଉପାଧି ପାଇଥିବା ପଣ୍ଡିତ ଦାସଙ୍କୁ ୧୯୬୦ରେ ପଦ୍ମଭୂଷଣରେ ଓ ଆତ୍ମଜୀବନୀ ପାଇଁ ୧୯୬୩ରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଡିଲିଟ୍ ଦିଆଯାଇ ସମ୍ମାନିତ କରାଯାଇଛି । ୬ ନଭେମ୍ବର, ୧୯୬୭ରେ ତାଙ୍କର ଦେହାନ୍ତ ହୋଇଥିଲା ।

ଓଡ଼ିଶା ପର୍ଯ୍ୟଟନ



ଦୁନିଆର ସବୁଠାରୁ ବଡ଼ ମହାସାଗରକୁ ନେଇ ବୈଜ୍ଞାନିକମାନେ ଚିନ୍ତାଜନକ ଭବିଷ୍ୟବାଣୀ କରିଛନ୍ତି । ପ୍ରଶାନ୍ତ ମହାସାଗର ସଂକୁଚିତ ହେଉଥିବା କାରଣରୁ ଏହାର ଅସ୍ତିତ୍ୱକୁ ନେଇ ଚିନ୍ତାରେ ଅଛନ୍ତି ବୈଜ୍ଞାନିକମାନେ । ଏଥିପାଇଁ ସେମାନେ ଦାୟୀ କରୁଛନ୍ତି ଟେକ୍ଟୋନିକ୍ ପ୍ଲେଟ୍‌କୁ । ପ୍ରଶାନ୍ତ ମହାସାଗର ପୃଥିବୀପୃଷ୍ଠର ସବୁଠାରୁ ବଡ଼ ସଂରଚନା ଯାହା ଧୀରେ ଧୀରେ ସଂକୁଚିତ ହେଉଛି ଯେଉଁ ଘଟଣା ଆଶ୍ଚର୍ଯ୍ୟଚକିତ କରୁଛି ବୈଜ୍ଞାନିକମାନଙ୍କୁ । ଏକ ରିପୋର୍ଟ ଅନୁସାରେ ପ୍ରଶାନ୍ତ ମହାସାଗର ୧୫୫ ମିଲିଅନ୍ ବର୍ଗ କି.ମି (ପାଖାପାଖି ୬୦ ମିଲିଅନ୍ ବର୍ଗ ମାଇଲ)ରୁ ଅଧିକ କ୍ଷେତ୍ରରେ ବ୍ୟାପି ରହିଛି । ତେବେ ପୃଥିବୀର ସମସ୍ତ ମହାଦ୍ୱୀପ ଓ ଦ୍ୱୀପଗୁଡ଼ିକର କ୍ଷେତ୍ରଫଳ ୧୪୯ ମିଲିଅନ୍ ବର୍ଗ କି.ମି ହୋଇଥିବା ବେଳେ କେବଳ ପ୍ରଶାନ୍ତ ମହାସାଗର ଏତିକି କି.ମିରେ ବ୍ୟାପି ରହିଛି । ପୃଥିବୀର ପୃଷ୍ଠଭାଗର ଏକ-ତୃତୀୟାଂଶ ଭାଗରେ ଏହା ଘେରି ରହିଛି ଓ ଦୁନିଆର ମହାସାଗରଗୁଡ଼ିକରେ ଯେତିକି ପାଣି ରହିଛି ତାହାର ଅଧା ଭାଗ ଅଛି ପ୍ରଶାନ୍ତ ମହାସାଗରରେ । ଆଟ୍‌ଲାଣ୍ଟିକ୍ ମହାସାଗରକୁ ଲୋକମାନେ ଏକ ବଡ଼ ଜଳସ୍ତର ଭାବରେ ଦେଖନ୍ତି କିନ୍ତୁ ପ୍ରଶାନ୍ତ ମହାସାଗର ତୁଳନାରେ ସେଠାରେ ଅଧା ପାଣି ରହିଛି । ପାଖାପାଖି ୨୦୦-୨୫୦ ମିଲିଅନ୍ ବର୍ଷ ପୂର୍ବରୁ ଯେତେବେଳେ ସୁପର୍‌କଣ୍ଟିନେଣ୍ଟ ପାଞ୍ଜିଆ ଭାଙ୍ଗିଯାଇଥିଲା ଓ ପ୍ରାଚୀନ ସୁପର-ଓସିନ୍ ପାନ୍ଥାଲାସାରେ ଫାଟ ସୃଷ୍ଟି ହୋଇଥିଲା ସେ ସମୟରେ ପ୍ରଶାନ୍ତ ମହାସାଗରର ନିର୍ମାଣ ହୋଇଥିଲା । ଟେକ୍ଟୋନିକ୍ ପ୍ଲେଟ୍ସ ଯେତେବେଳେ ଭୂମିକୁ ଅଲଗା କଲା ଆଟ୍‌ଲାଣ୍ଟିକ୍ ମହାସାଗରର ନିର୍ମାଣ ହେଲା ଓ ବିଶାଳ ପାନ୍ଥାଲାସା ସଂକୁଚିତ ହୋଇ ପ୍ରଶାନ୍ତ ମହାସାଗରର ରୂପ ନେଇଥିଲା । ତେବେ ଭବିଷ୍ୟତରେ ପ୍ରଶାନ୍ତ ମହାସାଗର ନିଜର ଅସ୍ତିତ୍ୱ ହରାଇବ ଓ ଅମାସିୟା ନାମକ ଏକ ନୂଆ ମହାଦ୍ୱୀପର ନିର୍ମାଣ ହେବ । କାରଣ ଆମେରିକା ଓ ଏସିଆ ପରସ୍ପର ସହିତ ଯୋଡ଼ି ହୋଇଯିବେ ।

ନେଟ୍‌ଫ୍ଲିକ୍ସରେ
ଇମ୍ରାନ

ଅମିର ଖାନଙ୍କ ଭଣଜା ଓ ଅଭିନେତା ଇମ୍ରାନ ଖାନ ଦୀର୍ଘ ସମୟ ହେଲାଣି ଫିଲ୍ମି ଦୁନିଆରୁ ଦୂରରେ ରହିଥିଲେ । ମୁଖ୍ୟ ଅଭିନେତା ଭାବରେ ତାଙ୍କର ଶେଷ ଫିଲ୍ମ ଥିଲା 'କଟ୍ଟି-ବଟ୍ଟି' (୨୦୧୫) ଯେଉଁଥିରେ ତାଙ୍କ ସହିତ ଥିଲେ କଙ୍ଗନା ରନୌତ । ଏହା ପରେ ସେ କେବଳ କିଛି ପବ୍ଲିକ୍ ଇଭେଣ୍ଟ୍‌ସରେ ବା ମିଡିଆରେ ନଜର ଆସିଥିଲେ । କିନ୍ତୁ ଏ ବର୍ଷ ରିଲିଜ ହୋଇଥିବା 'ହାପି ପଟେଲ୍: ଖତରନାକ୍ ଜାସୁସ୍'ରେ କ୍ୟାମିଓ ଭୂମିକାରେ ନଜର ଆସିଥିଲେ ଇମ୍ରାନ । ଏବେ ପାଖାପାଖି ୧୦ ବର୍ଷ ପରେ ଅଭିନେତା ଇମ୍ରାନ ଫିଲ୍ମରେ ନିଜ କମ୍‌ବ୍ୟାକ୍‌କୁ ନେଇ ଆଧିକାରିକ ଘୋଷଣା କରିଛନ୍ତି । ନେଟ୍‌ଫ୍ଲିକ୍ସର ଅରିଜିନାଲ୍ ଫିଲ୍ମ 'ଅଧୁରେ ହମ୍ ଅଧୁରେ ତୁମ୍'ରେ ମୁଖ୍ୟ ଭୂମିକାରେ ନଜର ଆସିବେ ଇମ୍ରାନ ଯାହାର ସୁଟିଂ ପୂରା ହୋଇସାରିଛି । ଏହା ଏକ ଗ୍ରୋନ୍-ଅପ୍ ରୋମାଣ୍ଟିକ୍ କମେଡି ଫିଲ୍ମ ଯେଉଁଥିରେ ଇମ୍ରାନଙ୍କ ସହିତ ଗୁରଫତେହ ପୀରଜାଦା ନଜର ଆସିବେ । ଫିଲ୍ମଟି ବର୍ତ୍ତମାନ ପୋଷ୍ଟ-ପ୍ରଡକ୍ସନ୍ ସ୍ଥିତିରେ ଅଛି ଓ ବର୍ଷର ଶେଷ ଆଡ଼କୁ ରିଲିଜ ହେବ । ତେବେ ଏହି ଫିଲ୍ମରେ ଇମ୍ରାନଙ୍କ ଜୀବନର ବର୍ତ୍ତମାନର ପରିସ୍ଥିତିକୁ ଦେଖେଇବେ ନିର୍ମାତାମାନେ । ଏହି ନୂଆ ଫିଲ୍ମରେ ନିଜ ଭାଗର ସୁଟିଂ ପୂରା କରିସାରିଲେଣି ଇମ୍ରାନ । ଦଶ ବର୍ଷ ମଧ୍ୟରେ ଏହା ଇମ୍ରାନଙ୍କ ପ୍ରଥମ ଫିଲ୍ମ ହେବାକୁ ଯାଉଛି ଯେଉଁଟି ପୋଷ୍ଟ-ପ୍ରଡକ୍ସନ୍ ସ୍ଥିତିରେ ରହିଛି । ନେଟ୍‌ଫ୍ଲିକ୍ସ ପାଇଁ ନିର୍ମିତ ହେଉଥିବା ଏହି ଫିଲ୍ମଟିରେ ଇମ୍ରାନଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିବେ ଭୂମି ପେଦନେକର । ଫିଲ୍ମର ସ୍କ୍ରିପ୍ଟ ଲେଖିଛନ୍ତି ଦାନିସ୍ ଅସଲମ୍ । ଦାନିସ୍ ଇମ୍ରାନଙ୍କ ଆଉ ଜଣେ କମନ୍ ସାଙ୍ଗଙ୍କ ସହିତ ମିଶି ଫିଲ୍ମଟିକୁ ପ୍ରଡ୍ୟୁସ୍ କରୁଛନ୍ତି ।

ବିହାରର
କଜରୀ ନୃତ୍ୟ

ଆଷାଢ଼ ଓ ଶ୍ରାବଣ ମାସରେ ଯେତେବେଳେ ଆକାଶ କଳାବାଦଲ ଦ୍ୱାରା ଘୋଡ଼େଇ ହୋଇଯାଏ ବିହାରରେ ଶୁଣିବାକୁ ମିଳେ କଜରୀର ତାନ । ବର୍ଷାଋତୁରେ କେବଳ କଜରୀ ଗୀତକୁ ମହିଳାମାନେ ଗାନ କରନ୍ତି ନାହିଁ ଏହା ସହିତ ନୃତ୍ୟ ମଧ୍ୟ କରନ୍ତି । ଏହି ନୃତ୍ୟ ବିହାରର ଲୋକ ସଂସ୍କୃତିର ମୁଖ୍ୟ ଅଂଶ । କଜରୀକୁ ମୁଖ୍ୟତଃ ମହିଳାମାନେ ଗାନ କରନ୍ତି । ଏହି ନୃତ୍ୟ ପଛରେ ପ୍ରକୃତି, ପ୍ରେମ ଓ ବିଚ୍ଛେଦ ପରି ଭାବନା ଲୁଚି ରହିଥାଏ ।

କଜରୀର କାହାଣୀ-ଗ୍ରାମୀଣ ଜୀବନରେ ବର୍ଷାର ଦୃଶ୍ୟ କେବଳ ସୁନ୍ଦର ଋତୁ ନୁହେଁ ଲୋକମାନଙ୍କର ଦୈନନ୍ଦିନ ଜୀବନର ଏକ ସାଧନ । ଏଥିପାଇଁ ବର୍ଷାଋତୁରେ ପ୍ରକୃତିକୁ ଧନ୍ୟବାଦ ଦେବା ପାଇଁ ଓ ବର୍ଷାଋତୁକୁ ସ୍ୱାଗତ କରିବା ପାଇଁ କଜରୀ କରାଯାଏ । ତେବେ କଜରୀ ପଛରେ ଆହୁରି ଅନେକ କାରଣ ବି ଲୁଚି ରହିଛି । ପୁରାତନ ସମୟରେ ପୁରୁଷମାନେ କାମ ପାଇଁ ଘରଠାରୁ ଦୂରକୁ ଯାଉଥିଲେ । ସେ ସମୟରେ ସେମାନଙ୍କ ପତ୍ନୀ ଓ ପ୍ରେମିକାମାନେ ଘରେ ରହି ସେମାନଙ୍କୁ ଅପେକ୍ଷା କରୁଥିଲେ । ଏହି ସୁନ୍ଦର ପାଣିପାଗରେ ଯେତେବେଳେ ସେମାନେ ନିଜ ପ୍ରେମୀ ବା ପତିକୁ ମନେପକାନ୍ତି ସେମାନଙ୍କ ବିରହରେ ନିଜର ଯନ୍ତ୍ରଣା ଓ ସେମାନଙ୍କ ସହିତ ସାକ୍ଷାତ କରିବାର ଆଶାରେ ମହିଳାମାନେ କଜରୀ ନୃତ୍ୟ ଓ ଗୀତ ଜରିଆରେ ନିଜର ବ୍ୟଥାକୁ ପ୍ରକାଶ କରିଥାନ୍ତି । ଏହିଭଳି ଭାବରେ ବର୍ଷା ମାସରେ କଜରୀ ନୃତ୍ୟ କରିବା ଓ ଗୀତର ପରମ୍ପରା ଆରମ୍ଭ ହୋଇଥିଲା । ଏହି ନୃତ୍ୟ ପାଇଁ ଶ୍ରାବଣ ମାସରେ ବଗିଚାମାନଙ୍କରେ ଦୋଳି ଲଗାଯାଏ । ସମସ୍ତେ ମିଶି ନାଚନ୍ତି ଓ ଗାଆନ୍ତି ଯାହାଦ୍ୱାରା ସେମାନଙ୍କର ମନ ଖୁସି ହୁଏ । ତେବେ କଜରୀ ନୃତ୍ୟକୁ ସମୂହରେ କରାଯାଏ । ଏ ସମୟରେ ମହିଳାମାନେ ପରସ୍ପର ସହିତ ସାକ୍ଷାତ କରିଥାନ୍ତି ଓ ଏହା ସହିତ ସେମାନଙ୍କ ମନରେ ସୃଷ୍ଟି ହୁଏ ଏକତାର ଭାବନା ।

ବୁଣାକାରଙ୍କ ପ୍ରତିଭା ଓ ଭକ୍ତି

ଏକ ୫.୫ ମିଟର ଲମ୍ବାର ସିଲ୍କ ଶାଢ଼ି ପାଇଁ ଆଲମାରିର ଏକ ଛୋଟ ସ୍ଥାନର ଆବଶ୍ୟକ ହୁଏ । କିନ୍ତୁ ଥରେ ଚିନ୍ତା କରନ୍ତୁ ଯଦି ଏହିପରି ଶାଢ଼ି ଏକ ଦିଆସିଲି ଡ଼ବାରେ ଭର୍ତ୍ତି ହୋଇଯାଏ ତେବେ ଏହା କୌଣସି ଯାଦୁ ବା କ୍ୟାମେରା ଟ୍ରିକ୍ ବୋଲି ଲୋକମାନେ କହିବେ । ଏହିପରି ଏକ ଟ୍ରିକ୍ ଭାରତୀୟ ହସ୍ତଶିଳ୍ପ ଓ ବୁଣାକାରୀ କଳାର ଉଦାହରଣ ହୋଇଛି ଯାହାକୁ ପୂରା ଦୁନିଆ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବ । ଏହି ଅଦ୍ଭୁତ କାରନାମା କରି ଦେଖାଇଛନ୍ତି ତେଲେଙ୍ଗାନାର ରାଜନ୍ନା ସିରସିଲ୍ଲା ଜିଲ୍ଲାରେ ରହୁଥିବା ପ୍ରସିଦ୍ଧ ବୁଣାକାର ନଲ୍ଲା ବିଜୟ କୁମାର । ବିଜୟ କୁମାରଙ୍କୁ ତାଙ୍କର ଉତ୍କୃଷ୍ଟ କଳା ପାଇଁ ତେନେଥା କଳା ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି । ତାଙ୍କ ଦ୍ୱାରା ନିର୍ମିତ ଏହି ଅନୋଖା ଶାଢ଼ିର ଲମ୍ବ ୫.୫ ମିଟର ଓ ଓସାର ୪୮ ଇଞ୍ଚ । ଏହି ଲମ୍ବ ଓ ଓସାରର ଏକ ସାଧାରଣ ଶାଢ଼ି ଏକ ବଡ଼ ସ୍ଥାନ ଆବଶ୍ୟକ କରେ କିନ୍ତୁ ବିଜୟ କୁମାର ଏହି ଶାଢ଼ିକୁ ଏପରି ସୂତା ଓ ସୂକ୍ଷ୍ମ ଉପାୟରେ ତିଆରି କରିଛନ୍ତି ଯେ ପୂରା ଶାଢ଼ି ସହଜରେ ମୋଡ଼ି ହୋଇ ଦିଆସିଲି ଡ଼ବାରେ ରହିଯାଉଛି । ଏହି ମ୍ୟାଜିକ୍ ଶାଢ଼ି ପଛରେ ରହିଛି ଇଞ୍ଜିନିୟରିଂ ଓ କାରିଗରୀ କାମ । ୫.୫ ମିଟର ଏହି ସିଲ୍କ ଶାଢ଼ିର ଓଜନ ୨୦୦ ଗ୍ରାମ୍ । ପାରମ୍ପରିକ ଇକ୍କତ ଡିଜାଇନ୍‌ର ଏହି ଶାଢ଼ିଟିକୁ ହାତରେ ବୁଣାଯାଇଛି । ଏହାର ସିଲ୍କ ଥ୍ରେଡ୍ ଏତେ ନମନୀୟ ଓ ସୂକ୍ଷ୍ମ ଯେ କପଡ଼ା ବିନା କୌଣସି କୁଞ୍ଚନ ଓ କ୍ଷତିରେ ମୋଡ଼ି ହୋଇ ରହିଯାଉଛି । ଏହି ସିଲ୍କ ଶାଢ଼ିକୁ ସାତ ଦିନ ଧରି ପୂରା ପରିବାର ଲଗାତର ପରିଶ୍ରମ କରି ପ୍ରସ୍ତୁତ କରିଛନ୍ତି । ତେବେ ନଲ୍ଲା ବିଜୟ କୁମାର ଏହି ଶାଢ଼ିକୁ ବିକ୍ରି କରିବା ପରିବର୍ତ୍ତେ ନିଜର ଅଟୁଟ ଭକ୍ତି ଅନ୍ତର୍ଗତ ପ୍ରସିଦ୍ଧ ଶ୍ରୀଶୈଳମ୍ ସ୍ଥିତ ଦେବୀ ଭ୍ରମରମ୍ବା ମନ୍ଦିରରେ ଭେଟ ଦେଇଛନ୍ତି ।

ଶିଶୁର ପ୍ରଥମ ଟିକା

ମା' କ୍ଷୀରକୁ ଶିଶୁର ପ୍ରଥମ ଟିକା ବୋଲି କୁହାଯାଏ କାରଣ ଏଥିରେ ପୋଷକ ତତ୍ତ୍ୱଗୁଡ଼ିକର ସଠିକ୍ ମିଶ୍ରଣ ଥାଏ । ଶିଶୁ ଜନ୍ମ ପରେ ମା'ର ଯେଉଁ କ୍ଷୀର ତିଆରି ହୁଏ ତାକୁ କୁହାଯାଏ କୋଲୋସ୍ଟ୍ରମ । ଗାଢ଼ ହଳଦିଆ ରଙ୍ଗର ଏହି କ୍ଷୀର ଅତ୍ୟନ୍ତ ପୌଷ୍ଟିକ ହୋଇଥାଏ ।
ମା' କ୍ଷୀରର ଗୁରୁତ୍ୱକୁ ଆଖି ଆଗରେ ରଖି ପ୍ରତିବର୍ଷ ୧-୭ ଅଗଷ୍ଟ ପର୍ଯ୍ୟନ୍ତ ପାଳନ କରାଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ । ଏହି ଅଭିଯାନର ଆରମ୍ଭ ହୋଇଥିଲା ୧୯୯୨ରେ । ବିଶ୍ୱ ସ୍ତନ୍ୟପାନ ଅଭିଯାନ ଗଠବନ୍ଧନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ୟୁନିସେଫ୍ ସହିତ ମିଶି ଏହି ଅଭିଯାନର ଶୁଭାରମ୍ଭ କରିଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ୟୁନିସେଫ୍ ସ୍ତନ୍ୟପାନ ସମ୍ବନ୍ଧୀୟ ନୀତିଗୁଡ଼ିକୁ ଆକାର ଦେବା ଓ ଟେକ୍‌ନିକି ମାର୍ଗଦର୍ଶନ ପ୍ରଦାନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏମାନେ ବୈଶ୍ୱିକ ସ୍ତନ୍ୟପାନ ସପ୍ତାହର ପ୍ରମୁଖ ଦିଗଗୁଡ଼ିକର ନେତୃତ୍ୱ ନେଇଥାନ୍ତି ।
ଜନ୍ମର କିଛି ଘଣ୍ଟା ପୂର୍ବରୁ ମା' କ୍ଷୀର କେବଳ ଭୋଜନ ଭାବରେ ନୁହେଁ ନବଜାତ ଶିଶୁର ପ୍ରତିରକ୍ଷାର ପ୍ରଥମ ଡୋଜ୍ ଭାବରେ କାମ କରିଥାଏ ଯାହା ସିଧା ମା'ର ଶରୀରରୁ ଯାଇ ଶିଶୁ ପର୍ଯ୍ୟନ୍ତ ପହଞ୍ଚିଥାଏ । ଜନ୍ମ ପରର ପ୍ରଥମ ଘଣ୍ଟା ଯାହାକୁ ଗୋଲ୍ଡେନ୍ ଆୱାର ବୋଲି କୁହାଯାଏ ସ୍ତନ୍ୟପା

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ପଦକ ବିଜେତାଙ୍କୁ ସମ୍ମାନିତ କଲେ ଖେଳ ମନ୍ତ୍ରୀ

ନୂଆଦିଲ୍ଲୀ,୪ା୮/ଏଜେନ୍ସି : କେନ୍ଦ୍ର ଖେଳ ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟା ମଙ୍ଗଳବାର ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂ, ଜୁଡୋ ଏବଂ ପାରା ଆଥ୍‌ଲେଟିକ୍ସରେ ଐତିହାସିକ ପ୍ରଦର୍ଶନ କରିଥିବା ଭାରତୀୟ ଖେଳାଳିଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ନିଜ ନିଜର ଖେଳ ଜୀବନ ପରେ ମଧ

ସ୍ୱର୍ଣ୍ଣ ବିଜେତାଙ୍କୁ ୩୦ ଲକ୍ଷ, ରୌପ୍ୟ ପାଇଁ ୨୦ ଓ ବ୍ରୋଞ୍ଜ୍ ପଦକ ପାଇଁ ୧୦ ଲକ୍ଷ ଟଙ୍କା ପୁରସ୍କାର

ଦେଶ ପାଇଁ ଯୋଗଦାନ ଦେଇ ଆଗାମୀ ପିଢ଼ିର ଖେଳାଳିଙ୍କୁ ମାର୍ଗଦର୍ଶନ କରିବା ସହିତ ଖେଳ ଏକାଡେମୀ ସ୍ଥାପନ ପାଇଁ ମନ୍ତ୍ରୀ ଡ. ମାଣ୍ଡଭିୟା ଖେଳାଳିମାନଙ୍କୁ ଅନୁରୋଧ କରିଥିଲେ। ସମ୍ମାନ ସମାରୋହରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୩୦ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୨୦ ଲକ୍ଷ ଏବଂ ବ୍ରୋଞ୍ଜ୍ ପଦକ ବିଜେତାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ବକ୍ସିଂ ଟିମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଚମତ୍କାର ପ୍ରଦର୍ଶନ କରି ୭ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ସହିତ ମୋଟ ୧୦ ପଦକ ଜିତି ତାଲିକାରେ ଶୀର୍ଷସ୍ଥାନ ହାସଲ କରିଛି। ଏହା ମଧ୍ୟରେ ମହିଳା ବକ୍ସର୍‌ଙ୍କ ସାତ ସ୍ୱର୍ଣ୍ଣ ପଦକ ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେହିପରି ଭାରତୀୟ ଜୁଡୋ ଟିମ୍ ଚଳିତ ଥର ଶ୍ରେଷ୍ଠ ପ୍ରଦର୍ଶନ କରି ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୧ ବ୍ରୋଞ୍ଜ୍ ସମେତ ମୋଟ ୪ ପଦକ ଜିତିଛି। ଅସ୍ମିତା ଦେ ଏବଂ ହର୍ଷ ସିଂହ ଭାରତ ପାଇଁ ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଏହା ବ୍ୟତୀତ ଅସ୍ମିତା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ମହିଳା ଜୁଡୋକା ହୋଇଛନ୍ତି। ଅନ୍ୟପକ୍ଷରେ ହର୍ଷ ସିଂହ ଏହି ଉପଲବ୍ଧି ହାସଲ କରିବାରେ ପ୍ରଥମ ଭାରତୀୟ ପୁରୁଷ ଜୁଡୋକା। ସମାରୋହରେ ପାରା ଆଥ୍‌ଲେଟିକ୍ସ ଟିମ୍‌କୁ ମଧ୍ୟ ସମ୍ମାନିତ କରାଯାଇଛି। ଗ୍ଲାସ୍‌ଗୋରେ ଭାରତୀୟ ପାରା ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନକୁ ଭାରତୀୟ ପାରା ସ୍ପୋର୍ଟ୍ସ ପାଇଁ ଏକ ଐତିହାସିକ ଉପଲବ୍ଧି ବୋଲି କୁହାଯାଇଛି।

ପୁଣି ବିବାଦରେ ପିବିଏଫ୍

ଗ୍ଲାସ୍‌ଗୋରେ ପାକିସ୍ତାନୀ ବକ୍ସର୍ ନିଖୋଜ

ଟିମ୍ ମ୍ୟାନେଜରଙ୍କ ପାଖରେ ପାସ୍‌ପୋର୍ଟ

ଗ୍ଲାସ୍‌ଗୋ,୪ା୮/ଏଜେନ୍ସି : ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ସମାପନ ପରେ ପାକିସ୍ତାନ ବକ୍ସିଂ ଫେଡେରେସନ୍ (ପିବିଏଫ୍) ପୁଣିଥରେ ବିବାଦୀୟ ହୋଇପଡ଼ିଛି। ପାକିସ୍ତାନୀ ବକ୍ସର୍ କୁଦରତୁଲ୍ଲାହ ପ୍ରତିଯୋଗିତା ସମାପ୍ତ ହେବା ପରେ କଥିତ ଭାବେ ଟିମ୍ ହୋଟେଲ୍‌ରୁ ନିଖୋଜ ହୋଇଯାଇଛନ୍ତି। ପାକିସ୍ତାନ ଅଲିମ୍ପିକ୍ ଆସୋସିଏସନ୍ (ପିଓଏ) ସହ ଜଡ଼ିତ ଏକ ବିଶ୍ୱସନୀୟ ସୂତ୍ର ଅନୁସାରେ କୁଦରତୁଲ୍ଲାହ ନିଜ ଓଜନ ବର୍ଗ ମ୍ୟାଚ୍ ଖେଳିବା ପରେ ଟିମ୍ ହୋଟେଲ୍‌ରୁ ଗାଏବ ହୋଇଯାଇଛି। ଆଶ୍ଚର୍ଯ୍ୟର ବିଷୟ ତାଙ୍କ ପାସ୍‌ପୋର୍ଟ ଟିମ୍ ମ୍ୟାନେଜରଙ୍କ ପାଖରେ ଥିବା ସତ୍ତ୍ୱେ ସେ ହୋଟେଲ୍ ଛାଡ଼ିବାରେ ସଫଳ ହୋଇଛନ୍ତି। ସୂତ୍ର କହିଛି, ଏହା ପାକିସ୍ତାନ ବକ୍ସିଂ ଫେଡେରେସନ୍ ପାଇଁ କୌଣସି ନୂଆ ଘଟଣା ନୁହେଁ। ଏହା ପୂର୍ବରୁ ମଧ୍ୟ କେବେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅବସରରେ ପାକିସ୍ତାନୀ ବକ୍ସର୍ ବିଦେଶରେ ଟିମ୍‌ରୁ ଅଲଗା ହୋଇ ଗାଏବ ହୋଇସାରିଛନ୍ତି। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ପାକିସ୍ତାନର ଦୁଇଜଣ ବକ୍ସର୍ ସୁଲେମାନ ବଲୋର୍ ଓ ନଜିରୁଲ୍ଲାହ ଖାନ୍ ମଧ୍ୟ ନିଖୋଜ ହୋଇଯାଇଥିଲେ। ସେତେବେଳେ ମଧ୍ୟ ସେମାନଙ୍କ ପାସ୍‌ପୋର୍ଟ ଟିମ୍ ଅଧିକାରୀଙ୍କ ପାଖରେ ଥିବା କୁହାଯାଉଥିଲା। ଏହା ବ୍ୟତୀତ ଇଟାଲୀର ବୁଷ୍ଟୋ ଆର୍ସିଜିୟୋ ସହରରେ ଆୟୋଜିତ ୨୦୨୪ ବିଶ୍ୱ ଅଲିମ୍ପିକ୍ କ୍ୱାଲିଫାୟର୍ ବେଳେ ଏସୀୟ ସ୍ୱର୍ଣ୍ଣ ପଦକ ବିଜେତା ବକ୍ସର୍ ଜୋହେବ୍ ରଶିଦ୍ ନିଜ ରୁମ୍‌ମେଟ୍‌ଙ୍କ ବିଦେଶୀ ମୁଦ୍ରା ଏବଂ ମୂଲ୍ୟବାନ ସାମଗ୍ରୀ ଚୋରାଇ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଥିଲା। କୁଦରତୁଲ୍ଲାହଙ୍କ ନିଖୋଜ ହେବା ମାମଲରେ ପାକିସ୍ତାନ ବକ୍ସିଂ ଫେଡେରେସନ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୟାନ ଜାରୀ କରାଯାଇ ନାହିଁ। ଘଟଣା ପରେ ପୁଣିଥରେ ଫେଡେରେସନ୍‌ର କାର୍ଯ୍ୟପ୍ରଣାଳୀ ଏବଂ ଖେଳାଳିଙ୍କ ଉପରେ ନଜର ରଖିବା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଗ୍ଲାସ୍‌ଗୋରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପାକିସ୍ତାନର ପ୍ରଦର୍ଶନ ନୈରାଶ୍ୟଜନ ରହିଛି। ୩୬ ଜଣିଆ ପାକିସ୍ତାନୀ ଦଳ କେବଳ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିବାରେ ସଫଳ ହୋଇଛି। ଏହି ପଦକ ମହିଳା ବକ୍ସର୍ ଫାତିମା ଜହରା ଜିତିଥିଲେ।

ଟିମ୍ ଇଣ୍ଡିଆରେ ଦୁଇ ନୂଆ ଖେଳାଳି ସାମିଲ

ମୁମ୍ବାଇ,୪ା୮/ଏଜେନ୍ସି : ଚଳିତ ମାସ ୧୫ ତାରିଖରୁ ଟିମ୍ ଇଣ୍ଡିଆର ଶ୍ରୀଲଙ୍କା ଗସ୍ତ ଆରମ୍ଭ ହେବ। ଏହା ପୂର୍ବରୁ ଟିମ୍‌ରେ ଲଗାତାର ପରିବର୍ତ୍ତନ ହେଉଛି। ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଉଦୀୟମାନ ଫାଷ୍ଟ୍ ବୋଲର୍ ଆକିବ୍ ନବୀଙ୍କୁ ସ୍କ୍ୱାଡ୍‌ରେ ସାମିଲ କରାଯାଇଥିଲା। ଏବେ ବିସିସିଆଇ ଦୁଇଜଣ ନୂଆ ଖେଳାଳିଙ୍କୁ ଶ୍ରୀଲଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛି। ହର୍ଷ ଦୁବେ ଓ ତନୁଷ କୋଟିୟନ୍‌ଙ୍କୁ ନେଟ୍ ବୋଲର୍ ଭାବେ ଶ୍ରୀଲଙ୍କା ଗସ୍ତରେ ପଠାଯାଇଛି। ସେମାନେ ଆଜି (ମଙ୍ଗଳବାର) ଶ୍ରୀଲଙ୍କା ଯାତ୍ରା କରିପାନ୍ତି ବୋଲି କୁହାଯାଉଛି।

ଶ୍ରୀଲଙ୍କା ପିଚ୍ ସ୍ପିନ୍ ବୋଲର୍‌ଙ୍କ ପାଇଁ ସହାୟକ ହେଉଥିବାରୁ ହର୍ଷ ଦୁବେ ଓ ତନୁଷ କୋଟିୟନ୍ ସ୍କ୍ୱାଡ୍‌ରେ ସ୍ଥାନ ହାସଲ କରିପାରି ନଥିଲେ। କିନ୍ତୁ ଦୁହେଁ ଏବେ ନେଟ୍ ବୋଲର୍ ଭାବେ ଭାରତୀୟ ସ୍କ୍ୱାଡ୍‌ରେ ସାମିଲ ହେବେ।

ସ୍ପିନ୍ ବିଭାଗରେ କୁଲଦୀପ୍ ଯାଦବ, ରବୀନ୍ଦ୍ର ଜାଡ଼େଜା, ମାନବ ସୁଥାର ଏବଂ ସାରାଂଶ ଜୈନ ରହିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍ ମ୍ୟାଚ୍ ଖେଳିନଥିବା ଜାଡ଼େଜାଙ୍କର ବହୁ ମାସ ପରେ ପ୍ରତ୍ୟାବର୍ତ୍ତନ ଘଟିଛି। ସେହିପରି ଆଫଗାନିସ୍ତାନ ଡେବ୍ୟୁ ମ୍ୟାଚ୍‌ରେ ମାନବ ସୁଥାର ଦମ୍‌ଦାର ପ୍ରଦର୍ଶନ ବଳରେ ସ୍କ୍ୱାଡ୍‌ରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଅନ୍ୟପକ୍ଷରେ ୩୩ ବର୍ଷୀୟ ସାରାଂଶ ଜୈନ ପ୍ରଥମ ଥର ଟିମ୍ ଇଣ୍ଡିଆରେ ଚୟନ ହୋଇଛନ୍ତି।

ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ସିନ୍ଧୁଙ୍କୁ ୯ମ ସିଡ୍

ପୁରୁଷ ଡବଲ୍ସରେ ସାତ୍ୱିକ୍-ଚିରାଗଙ୍କୁ ପଞ୍ଚମ ସିଡିଙ୍ଗ୍

ନୂଆଦିଲ୍ଲୀ,୪ା୮/ଏଜେନ୍ସି : ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କୁ ଆଗାମୀ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ମହିଳା ସିଙ୍ଗଲ୍ସରେ ନବମ ସିଡିଙ୍ଗ୍ ମିଳିଛି। ଅନ୍ୟପକ୍ଷରେ ଷ୍ଟାର୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ପଞ୍ଚମ ସିଡ୍ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ପୁରୁଷ ବର୍ଗରେ ଭାରତର ଲକ୍ଷ୍ୟ ସେନ୍‌କୁ ୧୪ଶ ସିଡ୍ ମିଳିଥିବା ବେଳେ ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଳା-ତନିଷା କ୍ରାଷ୍ଟୋଙ୍କୁ ୧୫ଶ ସିଡ୍ ପ୍ରଦାନ କରାଯାଇଛି। ବିଶ୍ୱ ଚାମ୍ପିଅନ୍‌ଶିପ୍ ପାଇଁ ଖେଳାଳିଙ୍କ ଚୟନ ୨୦୨୬ ଏପ୍ରିଲ୍ ୨୮ ତାରିଖର ବିଶ୍ୱ ର୍ୟାଙ୍କିଙ୍ଗ୍ ଆଧାରରେ ହୋଇଥିବା ବେଳେ ସିଡିଙ୍ଗ୍ ଜୁଲାଇ ୨୮ର ସଦ୍ୟତମ ର୍ୟାଙ୍କିଙ୍ଗ୍ ଅନୁସାରେ ସ୍ଥିର କରାଯାଇଛି।

ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ମହାସଙ୍ଘ (ବିଡବ୍ଲ୍ୟୁଏଫ୍)ର ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ୍ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଭାରତ ଟୁର୍ଣ୍ଣାମେଣ୍ଟର ସମସ୍ତ ପାଞ୍ଚ ଇଭେଣ୍ଟ୍ ପାଇଁ ୨-୨ ଏଣ୍ଟ୍ରି ପଠାଇଛି। ଏଥିରୁ ଚାରି ବର୍ଗରେ ଅତିକମ୍‌ରେ ଜଣେ ଭାରତୀୟ ଖେଳାଳି କିମ୍ବା ଯୋଡିକୁ ସିଡିଙ୍ଗ୍ ମିଳିଛି। ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ଡ୍ର' ବୁଧବାର ନୂଆଦିଲ୍ଲୀରେ ଆୟୋଜିତ ହେବ। ଯଦି ଡ୍ର' ପୂର୍ବରୁ କୌଣସି ସିଡେଡ୍ ଖେଳାଳି କିମ୍ବା ଯୋଡ଼ି ନାମ ପ୍ରତ୍ୟାହାର କରନ୍ତି, ତେବେ ସିଡିଙ୍ଗ୍‌ରେ ପରିବର୍ତ୍ତନ ହୋଇପାରେ।

ମହିଳା ସିଙ୍ଗଲ୍ସରେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଶୀ ୟୁକି'ଙ୍କୁ ଶୀର୍ଷ ସିଡ୍ ମିଳିଥିବା ବେଳେ ମହିଳା ସିଙ୍ଗଲ୍ସରେ ସାଉଥ୍ କୋରିଆର ଆନ୍ ସେ ୟଙ୍ଗ୍‌ଙ୍କୁ ନମ୍ବର-୧ ସିଡିଙ୍ଗ୍ ପ୍ରଦାନ କରାଯାଇଛି। ମହିଳା ବିଶ୍ୱ ଚାମ୍ପିଅନ୍ ଜାପାନର ଅକାନେ ୟାମାଗୁଚିଙ୍କୁ ଦ୍ୱିତୀୟ ସିଡେଡ୍ ଖେଳାଳି। ପୁରୁଷ ଡବଲ୍ସରେ ସାଉଥ୍ କୋରିଆର କିମ୍ ୱନ୍-ହୋ/ସିୟୋ ସେଉଙ୍ଗ୍ ଜେ ଏବଂ ମହିଳା ଡବଲ୍ସରେ ଚୀନ୍‌ର ଲିୟୁ ଶେଙ୍ଗ୍ ଶୁ/ତାନ୍ ନିଙ୍ଗ୍ ଯୋଡ଼ିକୁ ଶୀର୍ଷ ସିଡ୍ ମିଳିଛି। ସେହିପରି ମିକ୍ସଡ୍ ଡବଲ୍ସରେ ଫେଙ୍ଗ୍ ୟାନ୍ ଝେ/ହୁଆଙ୍ଗ୍ ଡୋଙ୍ଗ୍ ପିଙ୍ଗ୍ ଶୀର୍ଷ ସିଡ୍ ଯୋଡ଼ି।

ଟ୍ରମ୍ପ୍‌ଙ୍କ ଶରଣରେ ଫିଫା ଅଧ୍ୟକ୍ଷ ଇନ୍‌ଫାଣ୍ଟିନୋ

କେସ୍ କରିବାକୁ ୟୁଇଏଫ୍‌ଏର ଧମକ

ଲଣ୍ଡନ,୪ା୮/ଏଜେନ୍ସି : ଫୁଟ୍‌ବଲ୍ ବିଶ୍ୱରେ ଘରୋଇ ନିବେଶକଙ୍କୁ ୨୦ ପ୍ରତିଶତ ଅଂଶଧନ ବିକିବା ଯୋଜନାରେ ଫିଫା ଅଧ୍ୟକ୍ଷ ଜିୟାନୀ ଇନ୍‌ଫାଣ୍ଟିନୋ ପଦ ହରାଇବା ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି। ୟୁନିୟନ୍ ଅଫ୍ ୟୁରୋପୀୟ ଫୁଟ୍‌ବଲ୍ ଆସୋସିଏସନ୍ (ୟୁଇଏଫ୍‌ଏ) ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ୍ ମଧ୍ୟ ତାଙ୍କ ବିରୋଧରେ ଛିଡ଼ା ହୋଇଛନ୍ତି। ସେ କହିଛନ୍ତି, 'ମୋତେ ଲାଗୁନାହିଁ ଫୁଟ୍‌ବଲ୍‌କୁ ଆଗେଇ ନେବା ପାଇଁ ସେ ଠିକ୍ ବ୍ୟକ୍ତି। ସେ ଯେଉଁ ଯୋଜନା ଉପସ୍ଥାପନ କରିଛନ୍ତି, ତାକୁ ସାରା ବିଶ୍ୱରେ ଫୁଟ୍‌ବଲ୍ ସହ ସମ୍ପୃକ୍ତ ଲୋକମାନେ ଆପତ୍ତିଜନକ ବୋଲି କୁହୁଛନ୍ତି। ଏହା ସ୍ୱୀକାର୍ଯ୍ୟ ନୁହେଁ।' ଏହାପରେ ଇନ୍‌ଫାଣ୍ଟିନୋ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମର୍ଥନ ମାଗିଛନ୍ତି। ଇନ୍‌ଫାଣ୍ଟିନୋଙ୍କ ପ୍ରାୟ ୪.୨ ବିଲିୟନ୍ ଡଲାର (୪୦,୦୦୦ କୋଟି ଟଙ୍କା) ଯୋଗାଡ଼ କରିବାର ବିବାଦୀୟ ଯୋଜନାକୁ ସମସ୍ତ ମହାଦ୍ୱୀପରେ ବିରୋଧ ହେଉଛି।

ସୂଚନାଯୋଗ୍ୟ, ୱେଲ୍ସ ଫୁଟ୍‌ବଲ୍ ମହାସଙ୍ଘ ଫିଫା ଅଧ୍ୟକ୍ଷ ଜିୟାନୀ ଇନ୍‌ଫାଣ୍ଟିନୋଙ୍କ ଦ୍ୱିତୀୟ ଥର ଚୟନ ଅଭିଯାନକୁ ସମର୍ଥନ ପ୍ରତ୍ୟାହାର କରିନେଇଛି। ଏପରି କରିବାରେ ୱେ ପ୍ରଥମ ଦେଶ ହୋଇଛି। ଇଂଲିଶ ଫୁଟ୍‌ବଲ୍ ସଂଘ ମଧ୍ୟ ସମର୍ଥନ ପ୍ରତ୍ୟାହାର କରିବାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଦୁଇ ସଂଘ ଇନ୍‌ଫାଣ୍ଟିନୋଙ୍କ ଫିଫା ବିଶ୍ୱକପ୍ ପରି ଟୁର୍ଣ୍ଣାମେଣ୍ଟ୍‌ରେ ଘରୋଇ ନିବେଶକଙ୍କୁ ଅଂଶଧନ ବିକିବାର ଅଧୁରା ଯୋଜନା ବିପକ୍ଷରେ ଏହି ପଦକ୍ଷେପ ଉଠାଇଛନ୍ତି।

ଲୁସାନେ ଡାଏମଣ୍ଡ୍ ଲିଗ୍‌ରେ ଭାଗନେବେ ନୀରଜ

ପାକିସ୍ତାନର ଅରଶଦ୍ ଓ ଶ୍ରୀଲଙ୍କାର ପାଥିରାଗେ ହେବେ ପ୍ରତିଦ୍ୱନ୍ଦ୍ୱୀ

ନୂଆଦିଲ୍ଲୀ,୪ା୮/ଏଜେନ୍ସି : ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଅଗଷ୍ଟ ୨୧ରୁ ସ୍ୱିଜରଲାଣ୍ଡରେ ହେବାକୁ ଥିବା ଲୁସାନେ ଡାଏମଣ୍ଡ୍ ଲିଗ୍‌ରେ ଅଂଶଗ୍ରହଣ କରିବେ। ଅଳ୍ପ ଆଘାତରୁ ପ୍ରତ୍ୟାବର୍ତ୍ତନ ପରିଥିବା ନୀରଜଙ୍କ ପାଇଁ ଏହା ସିଜନ୍‌ର ତୃତୀୟ ଇଭେଣ୍ଟ୍ ହେବ। ନୀରଜଙ୍କ ସାମ୍ନାରେ ଏଥର ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଶ୍ରୀଲଙ୍କାର ରୁମେଶ ପାଥିରାଗେ, ପାକିସ୍ତାନର ଅଲିମ୍ପିକ୍ ଚାମ୍ପିଅନ୍ ଅରଶଦ ନଦୀମ୍ ହେବେ। ଗ୍ଲାସ୍‌ଗୋରେ ନୀରଜ ୮୫.୮୩ ମିଟରର ସିଜନ୍ ବେଷ୍ଟ୍ ଥ୍ରୋ ସହିତ ରୌପ୍ୟ ପଦକ ଜିତିଥିଲେ। ନୀରଜ ଗତବର୍ଷ ସେପ୍ଟେମ୍ବର ପରେ ପ୍ରଥମ ଥର ଜୁନ୍‌ରେ ଦୋହା ଡାଏମଣ୍ଡ୍ ଲିଗ୍‌ରେ ଟ୍ରାକ୍‌କୁ ଫେରିଥିଲେ। ସେଠାରେ ସେ ୮୫.୬୯ ମିଟର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହିଥିଲେ। ଏହାପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୮୫.୮୩ ମିଟର ଥ୍ରୋ ସହ ରୌପ୍ୟ ପଦକ ଜିତିଥିଲେ। ପଦକ

ଜିତିବା ପରେ ନୀରଜ କହିଥିଲେ, ତାଙ୍କ ପ୍ରତ୍ୟାବର୍ତ୍ତନ ଠିକ୍ ଦିଗରେ ଗତି କରୁଛି ଏବଂ ଆଗାମୀ ପ୍ରତିଯୋଗିତାରେ ଆହୁରି ଉନ୍ନତ ପ୍ରଦର୍ଶନ କରିବା ଉଦ୍ୟମରେ ରହିବେ। ଲୁସାନେ ନୀରଜଙ୍କ ପସନ୍ଦର ଗ୍ରାଉଣ୍ଡ୍ ମଧ୍ୟରୁ ଅନ୍ୟତମ। ୨୦୨୨ରେ ସେ ଏଠାରେ ୮୯.୦୯ ମିଟର ଥ୍ରୋ ସହିତ ଡାଏମଣ୍ଡ୍ ଲିଗ୍ ଟାଇଟଲ୍ ଜିତିଥିଲେ। ସେହିପରି ୨୦୨୪ରେ ୮୯.୪୯ ମିଟର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ଦୃଷ୍ଟିରୁ ଭାରତୀୟ ଷ୍ଟାର୍ ପୁଣିଥରେ ଏହି ଟ୍ରାକ୍‌ରେ ପଦକ ଜିତିବା ଆଶାରେ ଓହ୍ଲାଇବେ।

ବିବିଏଲ୍‌ରେ ଷ୍ଟୋକ୍ସ ହେବେ ସବୁଠୁ ଦାମୀ ଖେଳାଳି

୬ ଲକ୍ଷ ଅଷ୍ଟ୍ରେଲୀୟ ଡଲାରରେ ହୋଇପାରେ ଡିଲ୍

ନୂଆଦିଲ୍ଲୀ,୪ା୮/ଏଜେନ୍ସି : ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ହାରିବା ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିବା ଇଂଲଣ୍ଡର ପୂର୍ବତନ ଟେଷ୍ଟ୍ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠୁ ଦାମୀ ଖେଳାଳି ହୋଇପାରନ୍ତି। କୋଡ୍ ସ୍ପୋର୍ଟ୍ସ ରିପୋର୍ଟ ଅନୁସାରେ ଏହି ଅଲ୍‌ରାଉଣ୍ଡରଙ୍କୁ ନିଜ ଟିମ୍‌ରେ ସାମିଲ କରିବାକୁ ବିବିଏଲ୍‌ର ବହୁ ଫ୍ରାଞ୍ଚାଇଜି ରୁଚି ଦେଖାଇଛନ୍ତି। ତେବେ ସିଡ୍‌ନୀ ସିକ୍ସର୍ସ ୨୦୨୬-୨୭ ସିଜନ୍ ପାଇଁ ତାଙ୍କୁ ହାତେଇବା ଦୌଡ଼ରେ ସର୍ବାଗ୍ରେ ରହିଛି।

ଚଳିତ ବର୍ଷ ଜୁନ୍‌ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ ମଧ୍ୟ ସାରା ବିଶ୍ୱର ଘରେଇ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍ ଜାରି ରଖିବେ ବୋଲି ୩୫ ବର୍ଷୀ ଷ୍ଟୋକ୍ସ ସ୍ପଷ୍ଟ କରିଥିଲେ। ନିକଟରେ ସେ ଡରହାମ୍ ପାଇଁ ପ୍ରତ୍ୟାବର୍ତ୍ତ କରିଛନ୍ତି ଏବଂ କାଉଣ୍ଟି ଚାମ୍ପିଅନ୍‌ଶିପ୍‌ରେ ବଡ଼ ଭୂମିକା ତୁଲାଇବା ଆଶା କରାଯାଉଛି। ଷ୍ଟୋକ୍ସ ମଧ୍ୟ ବିବିଏଲ୍ ଖେଳିବାକୁ ଆଗ୍ରହ ପ୍ରକାଶ କରିଥିବା ରିପୋର୍ଟରୁ ଜଣାପଡ଼ିଛି। କେତେକ ଫ୍ରାଞ୍ଚାଇଜି ତାଙ୍କୁ ନିଜ ସହିତ ସାମିଲ କରିବା ଦୌଡ଼ରେ ଥିବାରୁ ଏହି ଡିଲ୍ ପ୍ରାୟ ୬ ଲକ୍ଷ ଅଷ୍ଟ୍ରେଲୀୟ ଡଲାର୍‌ରେ ହୋଇପାରେ ବୋଲି କ୍ରିକେଟ୍

ବିଶେଷଜ୍ଞ ମନେ କରୁଛନ୍ତି। ଏହା ହେଲେ ବେନ୍ ଷ୍ଟୋକ୍ସ ବିବିଏଲ୍ ଇତିହାସରେ ସବୁଠୁ ଦାମୀ ବିଦେଶୀ ଖେଳାଳି ହେବେ।

ଶୋଇଥିବା ବେଳେ ହୃଦ୍‌ଘାତରେ ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪ା୮/ଏଜେନ୍ସି : ଫ୍ଲାଇୱେଟ୍ ଫାଇଟର୍ ଏଲନ୍ ନାସିମେଣ୍ଟୋ। ଅଲ୍‌ଟିମେଟ୍ ଫାଇଟିଂ ଚାମ୍ପିଅନ୍‌ଶିପ୍ (ୟୁଏଫ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ମଙ୍ଗଳବାର ସକାଳେ ୟୁଏଫ୍‌ସି ଏକ ପୋଷ୍ଟ୍ କରି ଜଣାଇଛି ଯେ ସୋମବାର ସକାଳେ ନାସିମେଣ୍ଟୋଙ୍କୁ ଅଚେତ ଅବସ୍ଥାରେ ମିଳିଥିଲେ। ମେଡିକାଲ୍ ଟିମ୍ ଯାଞ୍ଚ ପରେ ତାଙ୍କୁ ଘଟଣା ମୃତ ଘୋଷଣା କରିଛି।